## ହ୍ୱାଲୋ ବଲିଉଡ୍



### ୮ ବର୍ଷ ପୁରୁଣା ଅଡିଓ ଭାଇରାଲ ପରେ ମୁହଁ ଖୋଲିଲେ ରଶ୍ମିକା

ନିକଟରେ ବିବାହ କରି ବେଶ ଚର୍ଚ୍ଚାରେ ରହିଥିବା ସାଉଥ ଅଭିନେତ୍ରୀ ରଶ୍ମିକା ପୁଣିଥରେ ଖବର ଶିରୋନାମା ପାଲଟିଛନ୍ତି । ଅଭିନେତ୍ରୀଙ୍କ ମା ସୁମନଙ୍କ ଏକ ଅଡିଓ ଏବେ ସୋସିଆଲ ମିଡିଆରେ ବେଶ ଭାଇରାଲ ହେବାରେ ଲାଗିଛି । ଯେଉଁଥିରେ ରଶ୍ମିକାଙ୍କ ପୂର୍ବ ବିବାହ ସମ୍ପର୍କରେ ରହିଛି । ତାମିଲରେ ବେଶ ଭାବପ୍ରବଣ ହୋଇ ତାଙ୍କ ମା' କହୁଥିବା ଶୁଣାଯାଉଛି । ଏବେ ଏହି ଅଡିଓକୁ ବହୁ ମାତ୍ରାରେ ଭାଇରାଲ ହେବା ପରେ ପ୍ରତିକ୍ରିୟା ରଖୁଛନ୍ତି ରଶ୍ମିକା । ସୋସିଆଲ ମିଡିଆରେ ଏକ ପୋଷ୍ଟ ମାଧ୍ୟରେ ସେ ଲେଖିଛନ୍ତି କି, ଏକ ଛୋଟ କ୍ଲିପକୁ ଜାଣିଶୁଣି ଭାଇରାଲ କରାଯାଉଛି । ଏହାକୁ ଶୀଘ୍ର ହଟାଇବାକୁ ସେ ଚେତାବନି ଦେଇଛନ୍ତି । କାହାର ବିନା ଅନୁମତିରେ ଏଭଳି ବ୍ୟକ୍ତିଗତ ଅଡିଓକୁ କାହିଁକି ଭାଇରାଲ କରାଯାଉଛି ବୋଲି ମଧ ସେ ପ୍ରଶ୍ନ କରିଛନ୍ତି । ୮ ବର୍ଷ ପୂର୍ବେ ରଶ୍ମିକାଙ୍କ ମାଆ ଦେଇଥିବା ଏକ ସାକ୍ଷାତକାର ସମୟର ଛୋଟ ଅଡିଓ କ୍ଲିପ ଭାଇରାଲ କରାଯାଉଛି । ୨୪ ଘଣ୍ଟା ମଧ୍ୟରେ ଯେଉଁସବୁ ପ୍ଲାଟଫର୍ମରେ ଏହା ଅଛି ହଟାଇବାକୁ ସେ ଅପିଲ୍ କରିଛନ୍ତି । ଜାଣିଶୁଣି ଅନ୍ୟର ଗୋପନୀୟତାକୁ ଲୋକମାନେ ଏଭଳି କରିବା ପଛରେ ମନ୍ଦ ଉଦ୍ଦେଶ୍ୟ ରଖୁଛନ୍ତି । ଯେତେବେଳେ ଆମେ ଜୀବନରେ ଆଗକୁ ବଢୁ ସେତେବେଳେ ସମର୍ଥନ ଏବଂ ସକାରାତ୍ମକ ଭାବେ କମେଣ୍ଟ ନଦେଇ ଏଭଳି ମନ୍ଦ ଉଦ୍ଦେଶ୍ୟରେ ବିବାଦ ସୃଷ୍ଟି କରାଯାଉଛି ।

## ପୂର୍ବ ଗୋଦାବରୀରେ ଅପମିଶ୍ରିତ କ୍ଷୀର ପିଇ ୧୩ ମୃତ



**ଅମରାବତୀ:** ଆନ୍ଧ୍ରପ୍ରଦେଶର ପୂର୍ବ ଗୋଦାବରୀ ଜିଲ୍ଲାରେ ଅପମିଶ୍ରିତ କ୍ଷୀର ପିଇ ୧୩ ଜଣଙ୍କ ମୃତ୍ୟୁ ଘଟିଛି । ୧୧ ଜଣଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଖାଦ୍ୟ ସୁରକ୍ଷା ବିଭାଗର

### ୧୧ ଜଣ ଗୁରୁତର

ଅଧିକାରୀମାନେ ଏହି ଘଟଣାର ସତ୍ୟାସତ୍ୟ ପ୍ରକାଶ କରି କହିଛନ୍ତି ଯେ ଫେବ୍ରୁଆରୀ ୨୨ ତାରିଖରେ କ୍ଷୀର ରୋଗରେ ପୀଡିତ ଲୋକଙ୍କ ମାମଲା ରିପୋର୍ଟ କରାଯାଇଥିଲା । ଅନେକ ବୟସ୍କ ବ୍ୟକ୍ତି ମୂତ୍ର ଅସନ୍ତୁଳନ, ବାନ୍ତି ଏବଂ ପେଟ ଯନ୍ତ୍ରଣା ଅଭିଯୋଗ କରିଥିଲେ । ତଦନ୍ତରୁ କିଡନୀ ସମସ୍ୟା ପ୍ରକାଶ ପାଇଲା, ଯାହା ପାଇଁ ଡାଏଲିସିସ୍ ଆବଶ୍ୟକ । ପରବର୍ତ୍ତୀ ସମୟରେ, କ୍ଷୀରର ଭେଜାଲ ଚିହ୍ନଟ ହୋଇଥିଲା ।

ପୂର୍ବ ଗୋଦାବରୀ ଜିଲ୍ଲା ଅଧିକାରୀମାନେ କହିଛନ୍ତି ଯେ ଅପମିଶ୍ରିତ କ୍ଷୀର ଯୋଗୁଁ ମୃତ୍ୟୁ ସଂଖ୍ୟା ୧୩ରେ ପହଞ୍ଚିଛି । ରାଜାମହେନ୍ଦ୍ରଭରମର ଡାକ୍ତରଖାନାରେ ଏଗାର ଜଣଙ୍କ ଚିକିତ୍ସା କରାଯାଉଛି । ଖାଦ୍ୟ ସୁରକ୍ଷା ବିଭାଗର ସୂଚନା ଅନୁଯାୟୀ କ୍ଷୀର ନମୁନା ବିସ୍ତୃତ ପରୀକ୍ଷା ପାଇଁ ପଠାଯାଇଥିଲା, ଯାହା ଭେଜାଲକୁ ନିଶ୍ଚିତ କରିଥିଲା । ପ୍ରଭାବିତ ବ୍ୟକ୍ତିଙ୍କ ରକ୍ତ ଏବଂ ପରିସ୍ରାରେ ୟୁରିଆ ସହିତ ସିରମ୍ କ୍ରିଏଟିନିନ୍ ସ୍ତର ବୃଦ୍ଧି ପାଇଥିଲା, ଯାହା ଭେଜାଲ ଖାଦ୍ୟର ସନ୍ଦେହ ସୃଷ୍ଟି କରିଥିଲା ।

ପରେ ଜଣାପଡିଲା ଯେ ପ୍ରଭାବିତ ଲୋକମାନେ କ୍ଷୀର ପିଇଥିଲେ । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଭରଲକ୍ଷ୍ମୀ ମିଲ୍କ ଡେରୀ କୋରୁକୋଣ୍ଡା ମଣ୍ଡଳ ଅଞ୍ଚଳର ଏକ ଗାଁରେ ପ୍ରାୟ ୧୦୬ ପରିବାରକୁ ଏହି କ୍ଷୀର ଯୋଗାଇଥିଲା । ପରେ କ୍ଷୀର ଯୋଗାଣ ତୁରନ୍ତ ବନ୍ଦ କରିଦିଆଯାଇଥିଲା । ପରୀକ୍ଷା ପାଇଁ କ୍ଷୀର ୟୁନିଟ୍‌ରୁ କ୍ଷୀର, ପନିର, ଘିଅ ଏବଂ ପାନୀୟ ଜଳର ନମୁନା ନିଆଯାଇଥିଲା । ପ୍ରଭାବିତ ଅଞ୍ଚଳରେ ଜରୁରୀକାଳୀନ ଚିକିତ୍ସା ଶିବିର ସ୍ଥାପନ କରାଯାଇଛି, ବିଶେଷଜ୍ଞ ଡାକ୍ତର ଏବଂ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯାଇଛି । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଏକ ଦ୍ରୁତ ପ୍ରତିକ୍ରିୟା ଦଳ ମଧ୍ୟ ଗଠନ କରାଯାଉଛି । ଜିଲ୍ଲା ପ୍ରଶାସନ କହିଛି ଯେ ସନ୍ଦିଗ୍ଧ କ୍ଷୀର ବିକ୍ରେତା, ଆଡ୍ଡାଲା ଗଣେଶ୍ୱର ରାଓ, ନରସପୁରମ ଗାଁର ବାସିନ୍ଦା । ତାଙ୍କୁ ଅଟକ ରଖାଯାଇଛି, ଏବଂ କ୍ଷୀର ଯୋଗାଣରେ ଜଡିତ ଡାଏରୀ ୟୁନିଟକୁ ସିଲ୍ କରାଯାଇଛି । ଘଟଣା ପରେ, ଆନ୍ଧ୍ର ପ୍ରଦେଶ ଏବଂ ତେଲେଙ୍ଗାନାରେ ଯାଞ୍ଚ ଅଭିଯାନ ଆରମ୍ଭ କରାଯାଇଛି ।

## ଘରେ ଲୁଚାଇ ରଖିଥିଲେ ୫୫ ଗ୍ୟାସ୍ ସିଲିଣ୍ଡର

**ଲକ୍ଷ୍ନୌ:** ମିଳୁନି ସିଲିଣ୍ଡର । ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ । ସରକାର କହୁଛନ୍ତି ଯେ ଦେଶରେ ପର୍ଯ୍ୟାପ୍ତ ରହିଛି ଗ୍ୟାସ୍ ସିଲିଣ୍ଡର । କିନ୍ତୁ ହିନସ୍ତା ହେଉଛନ୍ତି ଖାଉଟି । କିଛି ଅସାଧୁ ବ୍ୟବସାୟୀ ଗ୍ୟାସର କଳାବଜାରୀ କରୁଛନ୍ତି । ଏପରିକି ବେଆଇନ ଭାବେ ଗଚ୍ଛିତ ରଖୁଛନ୍ତି । ତେବେ ଏହି ସମସ୍ୟା ମଧ୍ୟରେ ଜଣେ ବ୍ୟକ୍ତିଙ୍କ ଘରୁ ୫୫ଟି ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି ।

ରିପୋର୍ଟ ଅନୁସାରେ, ଉତ୍ତର ପ୍ରଦେଶର ହାପୁରରେ ପ୍ରଶାସନ ସିଲିଣ୍ଡର କଳାବଜାରୀ ରୋକିବାକୁ ପଦକ୍ଷେପ ନେଇଛି । ବିଭିନ୍ନ ସ୍ଥାନରେ ଚଢଉ କରୁଛି । ତେବେ ଚଢଉ ବେଳେ ଅବଦୁଲ ରେହାନ ନାମକ ଜଣେ ସ୍ଥାନୀୟ ନେତାଙ୍କ ଘରୁ ୫୫ଟି ଭର୍ତ୍ତି ଥିବା ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି ।

ପ୍ରଶାସନର କହିବାନୁସାରେ, କିଛି ଦିନ ଧରି ଗ୍ୟାସ୍ କଳାବଜାରୀ ଚାଲିଥିବା ନେଇ ଅଭିଯୋଗ ହୋଇ ଆସୁଥିଲା । ସ୍ଥାନୀୟ ଲୋକେ ଗ୍ୟାସ୍ ପାଉନଥିଲେ । କିଛି ବ୍ୟକ୍ତି ଏହାର ଫାଇଦା ନେଇ ଘରେ ଗ୍ୟାସ୍ ଲୁଚାଇ ରଖୁଛନ୍ତି । ଏହାକୁ ସେମାନେ ଚଡା ଦରରେ



**ରେଡ୍ କରି ଜବତ କଲା ପ୍ରଶାସନ**

ବିକ୍ରି କରୁଛନ୍ତି । ଯାହା ପରେ ପ୍ରଶାସନ ତଦନ୍ତ ଆରମ୍ଭ କରି ଅବଦୁଲଙ୍କ ଘରେ ରେଡ୍ କରିଥିଲା । ତାଙ୍କ ଘରେ ଏତେ ସିଲିଣ୍ଡର ଥିବା ଦେଖି ଅଧିକାରୀମାନେ ଚକିତ ହୋଇଯାଇଥିଲେ ।

ରେଡ୍ ପରେ ଘରୁ ଗୋଟିଏକୁ ଦୁଇଟି ନୁହେଁ ବରଂ ୫୫ଟି ସିଲିଣ୍ଡର ବାହାରିଥିଲା । ସମସ୍ତ ସିଲିଣ୍ଡରକୁ ଜବତ କରାଯାଇଛି । ଏତେ ସବୁ ସିଲିଣ୍ଡର ଏଠାକୁ କେମିତି ଆସିଲା ସେନେଇ ତଦନ୍ତ ଚାଲିଛି । ଏହାକୁ ସେ ଆଗାମୀ ଦିନରେ କଳାବଜାରୀ କରିଥାନ୍ତେ । କିନ୍ତୁ କାରନାମା ପୂର୍ବରୁ ପ୍ରଶାସନ ଏହାର ପର୍ଦ୍ଦାଫାସ କରିଛି ।

ସମସ୍ତ ଘଟଣା ସାମ୍ନାକୁ ଆସିବା ପରେ ସ୍ଥାନୀୟ ଲୋକେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ପାଞ୍ଚ-ସାତ ଦିନ ଧରି ଠିକସେ ସିଲିଣ୍ଡର ମିଳୁନି । ଏହି ସମୟରେ ଏତେ ସଂଖ୍ୟକ ସିଲିଣ୍ଡର ମିଳିବା ସାଧାରଣ କଥା ନୁହେଁ । ଏହାପଛରେ ଯେଉଁମାନଙ୍କ ହାତ ରହିଛି ସେମାନଙ୍କୁ ଗିରଫ କରିବାକୁ ହାପୁରବାସୀ ଦାବି କରୁଛନ୍ତି । ଅନ୍ୟ ଦିଗରେ ଏହି ସିଲିଣ୍ଡର ନେଟୱର୍କର ତଦନ୍ତ ଆରମ୍ଭ ହୋଇଛି । କିଏ କିଏ ଏଥିରେ ସାମିଲ ଅଛନ୍ତି ସେନେଇ ଖୋଳତାଡ଼ ଜାରି ରହିଛି । କେଉଁ ଗ୍ୟାସ୍ ଏଜେନ୍ସି ଏଥିରେ ସଂପୃକ୍ତ ଅଛନ୍ତି ସେମାନଙ୍କ ବିରୋଧରେ ଆକ୍ସନ୍ ନିଆଯିବ ବୋଲି ଅଧିକାରୀ କହିଛନ୍ତି । ଏହାବାଦ୍ ଆଉ କିଛି ଜାଗାରେ ପ୍ରଶାସନ ପକ୍ଷରୁ ଚଢଉ ଜାରି ରହିଛି ।

## ଲଘୁ ଖଣିଜ ମାଫିଆଙ୍କ କବଳରେ କୁଟାସିଂହା ଗ୍ରାମ୍ୟ ଜଙ୍ଗଲ

**ବଲାଙ୍ଗିର:** ବଲାଙ୍ଗୀର ଜିଲ୍ଲା ଆଗଲପୁର ତହସିଲ ସାଲେଭଟା ଆରଆଇ ସର୍କଲ ଅଧିନସ୍ଥ କୁଟାସିଂହା ମୌଜାରେ ବହୁ ସରକାରୀ ଜମିକୁ ମାଫିଆ ମାନେ ଜବରଦଖଲ କରି ରଖିଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁସାରେ ସାଲେଭଟା ଆରଆଇ ସର୍କଲ କୁଟାସିଂହା ମୌଜାର ସରକାରୀ ଖାତା ନଂ ୩୮୧ ରକ୍ଷିତ ପ୍ଲଟ ନଂ ୩୩୨୦ କିସମ ରୁଗୁଡ଼ିମୁଣ୍ଡାକୁ କିଛି ମୁଷ୍ଟିମେୟ ବ୍ୟକ୍ତି ଚାଷ ଜମିରେ ପରିଣତ କରୁଛନ୍ତି । ତଳିଆ ଚାଷୀଙ୍କ କହିବାନୁସାରେ, ଏଠାରେ ପାଣି ଗଚ୍ଛିତ ରହୁଥିଲା ଆରାମରେ ନିଜ ଜମିରେ ପାଣି ମଡ଼େଇ ପାରୁଥିଲେ । ହେଲେ କିଛି ଦିନ ହେଲା ଏହି ରୁଗୁଡ଼ିମୁଣ୍ଡାରେ ଜେସିବି ଓ ଟ୍ରାକ୍ଟର ସହାୟତାରେ ଚାଷ କରିବା ପାଇଁ ପ୍ରସ୍ତୁତ କରାଯାଉଛି । ଟ୍ରାକ୍ଟର ଯୋଗେ ମାଟି ପରିବହନ କରି ବିକ୍ରି କରାଯାଉଛି । ଏ ସମ୍ପର୍କରେ ତଳିଆ ଚାଷୀ ମାନେ ଜିଲ୍ଲା ଖଣି ଅଧିକାରୀ, ଆଗଲପୁର ତହସିଲଦାର ଓ ସାଲେଭଟା ଆରଆଇଙ୍କୁ ସୂଚନା ଦେଇଥିଲେ ସୁଦ୍ଧା କେହି ବିଭାଗୀୟ ଅଧିକାରୀ ଆସୁନାହାନ୍ତି । ଓଲଟି ବିରକ୍ତ ହେଉଥିବା ଚାଷୀ ଅଭିଯୋଗ କରିଛନ୍ତି । ଏନେଇ ଜିଲ୍ଲା ଖଣି ଅଧିକାରୀଙ୍କୁ ଯୋଗାଯୋଗ କରାଯିବାରୁ ସେ ଛୁଟିରେ ଥିବା କହିଥିଲେ । ସ୍ଥାନୀୟ ତହସିଲଦାର ନ୍ୱିନ କିଶୋର ପାଢ଼ୀଙ୍କୁ ପଚରା ଯିବାରୁ ସେ ଟ୍ରେନିଂ ରେ ବୋଲି କହିଥିଲେ । ଶେଷରେ ସାଲେଭଟା ଆରଆଇ ମନୋଜ ଗହୀରଙ୍କୁ ଫୋନ ରେ ଯୋଗାଯୋଗ କରାଯିବାରୁ ସେ ମଧ ୫ଦିନିଆ ଛୁଟିରେ ଥିବା ପ୍ରକାଶ କରିଥିଲେ । ଏଣୁକରି ଏଠାରେ ସହଜରେ ଅନୁମେୟ ଯେ ଭିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଲଘୁଖଣିଜ ମାଫିଆଙ୍କୁ ସୁଯୋଗ ଦେଉଥିବା ବୁଦ୍ଧିଜିବୀ ମହଲରେ ଆଲୋଚନା ହେଉଛି । ଏଠାରେ ସୂଚନାଯୋଗ୍ୟ ଯେ, ଆଗଲପୁର ବ୍ଲକ ରେ ବାଲି, ପଥର, ମୋରୁମ ଭଳି ଲଘୁଖଣିଜ ଦ୍ରବ୍ୟର ଦୈନିକ ବହୁ ପରିମାଣରେ ଲୁଟ ହେଉଥିବା ଜଣାଯାଇଛି ।

## କୂଅରେ ୪ ଝିଅଙ୍କୁ ଫିଙ୍ଗି ମାରିଲା ମା'



**ବେକରେ ରଶି ଲଗାଇ ନିଜେ କଲା ଆତ୍ମହତ୍ୟା**

ଭୋପାଳ: ଗୋଟିଏ ପରିବାରର ୪ ଝିଅଙ୍କ ମୃତଦେହ ଘର ପାଖ କୂଅରୁ ମିଳିବା ପରେ ହଇଚଇ ସୃଷ୍ଟି ହୋଇଛି । ତାଠୁ ଅଧିକ ବିଚଳିତ କରିଛି, ସେମାନଙ୍କ ମା' ହିଁ ୪ ନାବାଳିକାଙ୍କ ହତ୍ୟାକାରୀ । ଝିଅମାନଙ୍କ ବୟସ ୫ ମାସରୁ ୭ ବର୍ଷ ମଧ୍ୟରେ ହେବ ବୋଲି ଜଣାପଡ଼ିଛି । ସ୍ୱାମୀ ହାତ ଛାଡ଼ି ଦେବା ପରେ, ଅସହାୟ ହୋଇପଡ଼ିଥିଲେ ମହିଳା । ଶେଷରେ ଏଭଳି ଚରମ ନିଷ୍ପତ୍ତି ନେଇଛନ୍ତି ବୋଲି କୁହାଯାଉଛି ।

ମଧ୍ୟପ୍ରଦେଶର ସାଗର ଜିଲ୍ଲାରେ ଜଣେ ମା' ତାଙ୍କର ଚାରି ନିର୍ଦ୍ଦୋଷ ଝିଅଙ୍କୁ କୂଅରେ ଫିଙ୍ଗି ଦେବା ପରେ ଆତ୍ମହତ୍ୟା କରିଛି । ମହିଳାଙ୍କ ମୃତଦେହ ଗଛରେ ଝୁଲୁଥିବା ଦେଖିବାକୁ ମିଳିଛି । ତାଙ୍କ ସ୍ୱାମୀ ଗୋଟିଏ ବର୍ଷ ଧରି ଘରକୁ ଫେରି ନଥିଲେ । ଫଳରେ ମହିଳା ଜଣକ ଦୁଃଖରେ ଥିଲେ । ଘଟଣାଟି କେସଲି ଥାନା ଅଞ୍ଚଳରେ ଘଟିଛି ।

ପୋଲିସ ଅନୁସାରେ, ମୃତକଙ୍କ ନାମ ସବିତା ବାଇ (୨୮) । ଚନ୍ଦ୍ରଭାନ ଲୋଧିଙ୍କ ସ୍ତ୍ରୀ । ମୃତକଙ୍କ ମଧ୍ୟରେ ଚାରି ଝିଅ ଅଂଶିକା (୭), ରକ୍ଷା (୫), ଦୀକ୍ଷା (୩) ଏବଂ ପାଞ୍ଚ ମାସର ମନୀଷା ସାମିଲ । ଝିଅମାନଙ୍କ ମୃତଦେହ ଘରଠାରୁ ପ୍ରାୟ ୫୦୦ ମିଟର ଦୂରରେ ଥିବା ଏକ କ୍ଷେତରେ ଥିବା ୨୦ ଫୁଟ ଗଭୀର କୂଅରୁ ଉଦ୍ଧାର କରାଯାଇଛି ।

ପରିବାର ଲୋକଙ୍କ କହିବା ଅନୁଯାୟୀ, ବୁଧବାର ରାତିରେ ରାତ୍ରୀ ଭୋଜନ ପରେ ସମସ୍ତେ ଭିନ୍ନ ଭିନ୍ନ କୋଠରୀକୁ ଶୋଇବାକୁ ଯାଇଥିଲେ । ସବିତାଙ୍କ ଶ୍ୱଶୁର ଏବଂ ତାଙ୍କ ଭଉଣୀ ମଧ ସେଠାରେ ଉପସ୍ଥିତ ଥିଲେ । ସକାଳେ ଯେତେବେଳେ ସେମାନେ ଉଠିଲେ, ସବିତା ଏବଂ ତାଙ୍କ ଚାରି ଝିଅ ନିଖୋଜ ଥିଲେ । ପ୍ରଥମେ ପରିବାର ଲୋକ ଭାବିଥିଲେ ଯେ, ସେମାନେ ପାଖାପାଖି କୌଣସି ସ୍ଥାନକୁ ଯାଇଥିବେ । କିନ୍ତୁ ଦୀର୍ଘ ସମୟ ପରେ ସେମାନଙ୍କ ଖୋଜ ଖବର ମିଳିନଥିଲା । ତା'ପରେ ଗାଁ ଲୋକଙ୍କୁ ଖବର ଦିଆଯାଇଥିଲା ।

ଖୋଜାଖୋଜି ସମୟରେ ସବିତାଙ୍କ ମୃତଦେହ ଫାର୍ମ ପାଖରେ ଥିବା ଏକ ଗଛରେ ଝୁଲିଥିବାର ଦେଖିବାକୁ ପାଇଥିଲେ ଗ୍ରାମବାସୀ । ତା'ପରେ ଝିଅମାନଙ୍କୁ ଖୋଜାଖୋଜି ଆରମ୍ଭ ହୋଇଥିଲା । ସେମାନଙ୍କ ମୃତଦେହ କିଛି ଦୂରରେ ଥିବା ଏକ କୂଅରୁ ମିଳିଥିଲା । ଗାଁ ଲୋକଙ୍କ ମତରେ, ମା' ଏବଂ ୪ ଝିଅ ମଧ୍ୟବିତ୍ତ ପରିବାରର । ପ୍ରାୟ ନଅ ବର୍ଷ ପୂର୍ବେ ସବିତାର ବିବାହ ହୋଇଥିଲା ।

## ଆଫଗାନିସ୍ତାନ ଉପରେ ପାକିସ୍ତାନର ଜୋରଦାର ଆକ୍ରମଣ, ଅନେକ ମୃତାହତ

**କାବୁଲ:** ଆଫଗାନିସ୍ତାନ ଏବଂ ପାକିସ୍ତାନ ମଧ୍ୟରେ ପୁଣି ଥରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି । ଆଫଗାନିସ୍ତାନ ଦାବି କରିଛି ଯେ ପାକିସ୍ତାନ ସେନା ଏହାର ଅନେକ ଅଞ୍ଚଳ ଉପରେ ଆକ୍ରମଣ କରିଛି, ଯେଉଁଥିରେ କେତେକ ଘର ନଷ୍ଟ ହୋଇଥିବାବେଳେ ମହିଳା ଓ ଶିଶୁଙ୍କ ସମେତ ଅନେକଙ୍କର ମୃତ୍ୟୁ ହୋଇଛି । ପାକିସ୍ତାନ ଆଫଗାନିସ୍ତାନର ସାର୍ବଭୌମତ୍ୱ ଉପରେ ଆକ୍ରମଣ କରି କାବୁଲ, କନ୍ଧାହାର, ପକ୍ତିଆ ସମେତ ଦେଶର ଅନେକ ସ୍ଥାନରେ ଆକାଶ ମାର୍ଗରୁ ଭୀଷଣ ଆକ୍ରମଣ କରିଛି । ପାକିସ୍ତାନ ବାୟୁସେନା ବିମାନ କନ୍ଧାହାର ବିମାନବନ୍ଦର ନିକଟରେ ଥିବା ଏହାର ଘରୋଇ ଏୟାରଲାଇନ୍ସ 'କାମ ଏୟର'ର ତୈଳ ଡିପୋ ଉପରେ ଆକ୍ରମଣ କରିଛି । ଏହି କମ୍ପାନି ବେସାମରିକ ବିମାନ ସେବା ପ୍ରଦାନକାରୀ ସଂସ୍ଥା ଏବଂ ଜାତିସଂଘର ବିମାନକୁ ଇନ୍ଧନ ଯୋଗାଣ କରେ । ଇରାନ-ଇସ୍ରାଏଲ ବିବାଦ ଯୋଗୁଁ ସାରା ବିଶ୍ୱରେ ତୈଳ ସଙ୍କଟ ଦେଖାଯାଇଥିବାବେଳେ ପାକିସ୍ତାନ ଏହି ଆକ୍ରମଣ କରିଛି । ଆଫଗାନିସ୍ତାନର ତାଲିବାନ ଅଧିକାରୀ କହିଛନ୍ତି ଯେ, ପାକିସ୍ତାନ ଆବାସିକ ଅଞ୍ଚଳକୁ ଟାର୍ଗେଟ କରୁଛି । ଏଥିରେ ଘର ନଷ୍ଟ ହେବା



ସହିତ ମହିଳା ଓ ଶିଶୁଙ୍କ ସମେତ ଅନେକଙ୍କର ମୃତ୍ୟୁ ହୋଇଛି । ପାକିସ୍ତାନ କେତେକ ନିର୍ଜନ ଅଞ୍ଚଳରେ ମଧ ଆକ୍ରମଣ କରିଛି । ତାଲିବାନ ସରକାର ଏହାକୁ ଅତି କ୍ରୁର ଆକ୍ରମଣ ବୋଲି କହିଛି । ରମଜାନ ମାସର ଶେଷ ଦିନ ଓ ଇଦ୍ ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ପାକିସ୍ତାନର ଏହି ଆକ୍ରମଣ ସେମାନଙ୍କ ସରକାର କେଉଁଣସି ମାନବୀୟ ସିଦ୍ଧାନ୍ତ ଓ ନୈତିକ ମୂଲ୍ୟବୋଧକୁ ବୁଝନ୍ତି ନାହିଁ ବୋଲି ଦର୍ଶାଉଛି । ଆଫଗାନିସ୍ତାନ ଏହି ଘୃଣ୍ୟ ଓ ଆକ୍ରମଣକୁ କଠୋର ଶବ୍ଦରେ ନିନ୍ଦା କରିଛି । ଆଫଗାନିସ୍ତାନ ଏହାର କଡ଼ା ଜବାବ ଦେବ ବୋଲି ଆଫଗାନିସ୍ତାନ ପ୍ରବକ୍ତା କହିଛନ୍ତି । ଦୁଇ ପକ୍ଷ ମଧ୍ୟରେ ଗତ କିଛି ଦିନ ହେଲା ସଂଘର୍ଷ ଜାରି ରହିଛି ।

## ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ନୂଆ ବସଷ୍ଟାଣ୍ଡ ପରିଦର୍ଶନ

**ସୁବର୍ଣ୍ଣପୁର:** ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼କ୍ଟର ନୃପାରାଜ ସାହୁ ଆଜି ପୂର୍ବାହ୍ନ ୧୧ଟା ସମୟରେରେ ଅସ୍ଥାୟୀ ବସଷ୍ଟାଣ୍ଡ ଅଚାନକ ପରିଦର୍ଶନ କରିଥିଲେ । ପି.ଏଚ.ଡି. ଦେଇଥିବା ପାଣି ଟାଙ୍କିଟି ଦୁଇ ଦିନ ଧରି ଉଭାନ ହୋଇଯିବା ପରେ ଜନ ସାଧାରଣ ଓ ଯାତ୍ରୀଙ୍କ ପିଇବା ପାଣି ଅସୁବିଧା କଥା ଜିଲ୍ଲାପାଳଙ୍କ ନଜରକୁ ଆସିଥିଲା ।

ବସଷ୍ଟାଣ୍ଡ ପରିଦର୍ଶନ ସମୟରେ ଲୋକଙ୍କ ରହଣି ସ୍ଥାନ ନଥିବାରୁ ଯାତ୍ରୀ ହନ୍ତସନ୍ତ ହେଉଥିବା ଦେଖି ଜିଲ୍ଲାପାଳ ଶୀଘ୍ର ଏକ ରହଣି ସ୍ଥାନ ତିଆରି ପାଇଁ ପୌର ନିର୍ବାହୀ ଅଧିକାରୀ, ସୋନପୁରଙ୍କୁ ଆଦେଶ ଦେଇଥିଲେ । ପୁରୁଷ ଓ ମହିଳା ଶୌଚାଳୟ ତିଆରି ହୋଇ ସାରିଥିଲେ ମଧ କାର୍ଯ୍ୟକ୍ଷମ ହୋଇ ନଥିବାରୁ ଶୀଘ୍ର ଲୋକଙ୍କ ବ୍ୟବହାରରେ କିପରି ଆସିବ ସେ ନେଇ ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଓ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ଥଣ୍ଡା ପାଣିର ସୁବିଧା କିପରି ଶୀଘ୍ର ହୋଇପାରିବ ସେ ନେଇ ସୋନପୁର ଘରୋଇ ବସ ମାଲିକ ସଂଘ ସଭାପତି ଦୀପକ କୁମାର ମହାପାତ୍ର ଓ ସମ୍ପାଦକ ସୁଦର୍ଶନ ପଣ୍ଡାଙ୍କ ସହ ଆଲୋଚନା କରିଥିଲେ । ବସଷ୍ଟାଣ୍ଡରେ ଥିବା ଉଠା ଦୋକାନୀ କେବଳ ୫ ଫୁଟ ଜାଗା ରଖି ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ବାକି ଜାଗା ଖାଲି କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପୌର ପରିଷଦ ପକ୍ଷରୁ ଦିଆଯାଇଥିବା ଅଚଳ ପାଣି ଟେପ୍ କୁ ଦେଖି ଆହୁରି ବିରକ୍ତି ପ୍ରକାଶ କରିଥିଲେ ଓ ବିକାଶ କାର୍ଯ୍ୟରେ ସାଧାରଣ ଲୋକଙ୍କ ମୌଳିକ ସୁବିଧା ବା ଅଧିକାରରେ ସେ ଯିଏ ବି ବ୍ୟାଘାତ ଦୃଷ୍ଟି କରିବ ସେ ଜିଲ୍ଲା ପ୍ରଶାସନ, ସରକାର ଓ ଲୋକଙ୍କ ଶତ୍ରୁ ବୋଲି ଧରାଯିବ ଓ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ଜିଲ୍ଲାପାଳ ।

## ଦେଶି ମଦ ଚାଲାଣ ବେଳେ ଚଢଉ, ୪ ଗିରଫ

**ଜୟପୁର:** ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ଓ ନିରିକ୍ଷକ କାର୍ଯ୍ୟାଳୟ ତରଫରୁ ମିଳିତ ଚଢଉ କରାଯାଇ ୪ ଅଭିଯୁକ୍ତଙ୍କୁ ଗିରଫ କରି ୩୪ ଲିଟର ଦେଶି ମଦ ଜବତ କରିଛି । ଦେଶି ମଦ ଚାଲାଣ ସୂଚନା ପାଇ ଧଡରିଗୁଡା ଗ୍ରାମ ରାସ୍ତାରେ ଚଢଉ କରି ସାଧୁ ଚଲାଣକୁ ଗିରଫ କରି ତା' ଠାରୁ ୮ ଲିଟର ଦେଶି ମଦ ଜବତ କରିଛି । କୁମୁଲିପୁଟରେ ଚଢଉ କରି ଦଣ୍ଡସେନାଗୁଡା ଗ୍ରାମର ଘାସି ରାମ ଭତାବାଇ ଓ ମୋହନ ମୁଦୁଲିକୁ ଗିରଫ କରି ୧୮ ଲିଟର ଦେଶି ମଦ ଜବତ କରିଛି ।"ସେହିପରି ସାନମୁଣ୍ଡାଗୁଡା ଗ୍ରାମ ରାସ୍ତାରେ ଚଢଉ କରି ସନମତି ବିଷୋୟୀକୁ ଗିରଫ କରି ୮ ଲିଟର ଦେଶି ମଦ ଜବତ କରିଛି ।

## ଭାରତୀୟ ହାଣ୍ଡିଶାଳରେ ମଧ୍ୟପ୍ରାଚ୍ୟ ନିଆଁ

### ହୋଟେଲ-ଢାବାରେ ତାଲା ■ ସ୍ୱିଗି-ଜୋମାଟୋରେ ଅର୍ଡର କ୍ୟାନସଲ୍

**ନୂଆଦିଲ୍ଲୀ:** ମଧ୍ୟପ୍ରାଚ୍ୟ ଯୁଦ୍ଧର ମହଙ୍ଗା ମାଡ଼ । ହାଣ୍ଡିଶାଳରେ ଯୁଦ୍ଧ ଯନ୍ତ୍ରଣା । ଖାଉଟିଙ୍କୁ ନୟାନ୍ତ କଲାଣି ଗ୍ୟାସ୍ ସଙ୍କଟ । ବୁକିଂ ହେବା ଆଗରୁ କ୍ୟାନସଲ୍ । ଯୁଦ୍ଧ ଆଳରେ ଭୟଙ୍କର ଲୁଟ୍ । ପକେଟ୍ ମାରୁଛନ୍ତି ଅସାଧୁ ବ୍ୟବସାୟୀ । ହୋଟେଲ-ଢାବାରେ ତାଲା । ସ୍ୱିଗି-ଜୋମାଟୋରେ ଅର୍ଡର କ୍ୟାନସଲ୍ । ଅନଲାଇନରୁ ଉଭେଇ ଗଲାଣି କ୍ଲାଉଡ୍ କିଚେନ୍ । ଯୌଥ ପରିବାର, ମେସ୍ ଛାତ୍ରଛାତ୍ରୀ ପ୍ରଭାବିତ । ଖଟିଖିଆ ମୁଲିଆଙ୍କ କଥା କିଏ ପଚାରେ । ଓଳିଏ ଖାଇଲେ ଆର ଓଳିକୁ ଭାଳେଣି । ଚିନ୍ତାରେ ଭୋଜି ଆୟୋଜକ ଓ କ୍ୟାଟେରିଂ ସଂସ୍ଥା । ଖାଦ୍ୟ ଦର ପାଇଁ ଖାଉଟି ଅସନ୍ତୁଷ୍ଟ । ମିଲ୍ ବଦଳରେ ଫ୍ରାଫୁଡ୍ ଖାଉଛନ୍ତି ଲୋକେ ।

ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ଭାରତୀୟ ଫୁଡ୍ ଡେଲିଭରି ସେକ୍ଟରରେ ବଡ଼ ପ୍ରଭାବ ପଡ଼ିଛି । ଗ୍ୟାସ୍ ସମସ୍ୟା ଯୋଗୁଁ ଏଲପିଜି ସିଲିଣ୍ଡର ମିଳୁନି । ଢାବା-ହୋଟେଲ୍ ବନ୍ଦ ହୋଇଗଲାଣି । ଓଳିଏ ଖୋଲିଲେ ଓଳିଏ ବନ୍ଦ ରହୁଛି ଫାଷ୍ଟଫୁଡ୍ ଦୋକାନ । ସ୍ୱିଗି-ଜୋମାଟୋରେ ଆଗଭଳି ଆଉ ଆସୁନି ଅର୍ଡର । କାମ ବନ୍ଦ କରି ଦେଇଛନ୍ତି ଅଧିକାଂଶ କ୍ଲାଉଡ୍ କିଚେନ୍ । ୫୦ ରୁ ୬୦ ପ୍ରତିଶତ କମିଗଲାଣି ଅନଲାଇନ୍ ଡେଲିଭରି । ଚିନ୍ତାରେ ଗିଗ୍ ୱାର୍କର୍ସ । ଦିନକୁ ୩୦ ଜାଗାରେ ଆସୁଛି ୫ ରୁ ୧୦ ଅର୍ଡର । କେମିତି କରିବେ ରୋଜଗାର ?



କେବଳ ଡେଲିଭରି ସେକ୍ଟର ନୁହେଁ ପୁରା ଫୁଡ୍ ସପ୍ଲାଏ ଚେନ୍‌କୁ ଗ୍ୟାସ୍ ସଙ୍କଟ ଗିଳିବାକୁ ବସିଲାଣି । ହୋଟେଲ-ରେଷ୍ଟୁରାଣ୍ଟ ବନ୍ଦ ହେବା ଯୋଗୁଁ ଅନେକ ଛୋଟ ବଡ଼ ବ୍ୟବସାୟୀ ପ୍ରଭାବିତ ହେଲେଣି । କିଚେନ୍ ଷ୍ଟାଫ୍‌ଙ୍କ ଠାରୁ ନେଇ କ୍ଲାଉଡ କିଚେନ୍ କର୍ମଚାରୀ ଏବଂ ଡ୍ରାଇଭରଙ୍କ ଯାଏଁ ସମସ୍ତେ ହାତ ବାନ୍ଧି ବସିଲେଣି । ଏପରିକି ଦୈନିକ ଖର୍ଚ୍ଚ ଉଠାଇବା ମୁସ୍କିଲ ହୋଇଗଲାଣି । ଏପରିକି ଆକ୍ଟିଭିଟି କମିଯିବାରୁ ବହୁ ୱାର୍କରଙ୍କୁ ଆକାଉଣ୍ଟ ଡିଆକ୍ଟିଭେଟ୍‌ର ୱାର୍ଣ୍ଣିଂ ବି ଆସିଲାଣି ।

ଖାଲି ସେତିକି ନୁହେଁ ଗ୍ୟାସ୍ ମହଙ୍ଗା ଯୋଗୁଁ ଅଧା ହୋଟେଲ ଆଇଟମ୍ କାଟି ଦେଲେଣି । ମିଲ୍ ପିଛା ୧୦ ଟଙ୍କା ବଢିଗଲାଣି । ୫ ଟଙ୍କିଆ ବରା ଏବେ ୬ ଟଙ୍କାରେ ବିକ୍ରି ହେଲାଣି । ଦୀର୍ଘ ଦିନ ଯାଏଁ ଏଲପିଜି ସଙ୍କଟ ଜାରି ରହିଲେ ହୋଟେଲ ଶିଳ୍ପ ବନ୍ଦ ହୋଇଯିବ । ଗିଗ୍ ଅର୍ଥନୀତି ଉପରେ ଗଭୀର ପ୍ରଭାବ ପଡ଼ିବ । ଦେଶର ଫୁଡ୍ ସର୍ଭିସ୍ ସେକ୍ଟର ସମ୍ପୂର୍ଣ୍ଣ ଭୁଶୁଡ଼ିଯିବ । ଏହି ବ୍ୟବସାୟ ସହ ଜଡ଼ିତ ପ୍ରାୟ ଏକ କୋଟି ଲୋକ ଜୀବିକା ହରାଇବେ ।

## ରାଶିଫଳ

**ମେଷ:** ମାଙ୍ଗଳିକ କାର୍ଯ୍ୟ ପାଇଁ ଶୁଭଖବର ମିଳିବାରୁ ମନ ଖୁସି ରହିବ । ଆର୍ଥିକ ସମସ୍ୟା ଦୂର ହେବ ଏବଂ ବ୍ୟବସାୟରେ ଲାଭ ମିଳିବ । ପରିବାରରେ ହସଖୁସିରେ ସମୟ ଅତିବାହିତ କରିବେ ଓ ସୁସ୍ୱାଦୁ ଭୋଜନ କରିବେ ।

**ବୃଷ:** ସ୍ୱାସ୍ଥ୍ୟରେ ଉନ୍ନତି ଆସିବାରୁ ମନୋବଳ ବୃଦ୍ଧି ହେବ ଓ ଘରକୁ ବନ୍ଧୁ ଆସିବେ । ବ୍ୟବସାୟରେ ବାକି ପଡିଥିବା ଅର୍ଥ ହାତକୁ ଆସିବାରୁ ଘର ପାଇଁ ନୂତନ ଦ୍ରବ୍ୟ କ୍ରୟ କରିବେ ।ସନ୍ତାନ ମାନଙ୍କର ପାଠପଢ଼ାରେ ଉନ୍ନତି ହେବ ।

**ମିଥୁନ:** କର୍ମକ୍ଷେତ୍ରରେ ମାନସମ୍ମାନ ମିଳିବ ଏବଂ ନୂଆ କାର୍ଯ୍ୟ ପାଇଁ ବନ୍ଧୁଙ୍କର ସହଯୋଗ ଲୋଡିବେ । ସାଂସ୍କୃତିକ କାର୍ଯ୍ୟରେ ଯୋଗ ଦେବା ସହିତ ସୁସ୍ୱାଦୁ ଭୋଜନ କରିବେ । ବ୍ୟବସାୟରେ ଲାଭ ମିଳିବ, ନିର୍ମାଣାଧୀନ କାର୍ଯ୍ୟ ପାଇଁ ସହଯୋଗ ମିଳିବ ।

**କର୍କଟ:** ସାମୂହିକ ପ୍ରୟାସ ଓ ସହଯୋଗ ଦ୍ୱାରା ଆଗକୁ ବଢିବା ସମ୍ଭବ ହେବ । ପ୍ରକୃତିସ୍ଥ ହୋଇ ଚଳିଲେ ଦୁର୍ଗତିରୁ ସୁରକ୍ଷିତ ରହିହେବ । ପୁରୁଣା ରୋଗର ପ୍ରକୋପ ବୃଦ୍ଧି ପାଇବା ସହ ଶତ୍ରୁମାନେ ପୁଣି ଥରେ ପଛରେ ପଡ଼ି ପାରନ୍ତି । ଓ ଚାକିରି ପାଇଁ ଦୂରସ୍ଥାନକୁ ଯାତ୍ରା କରିବେ ।

**ସିଂହ:** ଶୁଭ କାମ କରି ପ୍ରଶଂସିତ ହେବେ ଓ ସାହିତ୍ୟଚର୍ଚ୍ଚା, ସଭାସମିତିରେ ସଫଳତା ମିଳିବ । ରାଜନୀତି କ୍ଷେତ୍ରରେ ସହଯୋଗୀ ମାନଙ୍କର ପୂର୍ଣ୍ଣ ସହଯୋଗ ପାଇବେ । ଭାଗିଦାରଙ୍କ ସହ ମିଶି ବ୍ୟବସାୟ ବୃଦ୍ଧି କରିବେ ।

**କନ୍ୟା:** ରାଜନୀତି କ୍ଷେତ୍ରରେ ଲୋକ ସମ୍ପର୍କ ଆତ୍ମସନ୍ତୋଷ ବଢ଼େଇବ । ପଡୋଶୀମାନେ ସମ୍ମୁଖରେ ପ୍ରଶଂସା କରି ପଛରେ ନିନ୍ଦା କରିପାରନ୍ତି । ବାହନରେ କୌଣସି ଜାଗାକୁ ଯାତ୍ରାକଲେ ସତର୍କତା ଅବଲମ୍ବନ କରିବା ଉଚିତ୍ ।

**ତୁଳା:** ପୁରାତନ ରୋଗ ପ୍ରକୋପର ଉପଶମ ହୋଇ ଶାରୀରିକ ସୁସ୍ଥତା ସହ ମାନସିକ ଶାନ୍ତି ଦେଖାଦେବ । ଜମିବାଡ଼ି ସଂକ୍ରାନ୍ତୀୟ ସମସ୍ୟାର ସମାଧାନ ହେବା ଫଳରେ ବଡ କାମ କରିବାକୁ ଇଚ୍ଛା ଜାଗ୍ରତ ହେବ ।

**ବିଛା:** କଳା, ସାହିତ୍ୟ, ଚଳଚ୍ଚିତ୍ର, ସଂଗୀତାଦି କ୍ଷେତ୍ରରେ ସୁନାମ ଅର୍ଜନ କରିବେ । ବାଦବିବାଦ, ମାଲିମୋକଦ୍ଦମା, ପରୀକ୍ଷା, ପ୍ରତିଯୋଗିତାରେ ସଫଳତା ମିଳିବ । କିନ୍ତୁ ଯାହାର ବେଶି ଉପକାର କରିଥିବେ ତାହାଦ୍ୱାରା ବେଶି ଆଘାତ ପାଇବେ । ଅଧ୍ୟୟନ, ଅଧ୍ୟାପନା ଓ ଅନୁସନ୍ଧାନ ପରି କାର୍ଯ୍ୟରେ ସଫଳତା ଅର୍ଜନ କରି ଆନନ୍ଦିତ ହେବେ ।

**ଧନୁ:** କୌଣସି ବ୍ୟକ୍ତି ପରୋକ୍ଷରେ ଆକ୍ଷେପ କରିପାରନ୍ତି । ଆନୁଷ୍ଠାନିକ କ୍ଷେତ୍ରରେ ଆକସ୍ମିକ ଭାବରେ ସମ୍ମାନ ପ୍ରାପ୍ତିର ଯୋଗ ରହିଛି । ଅସାବଧାନତା କାରଣରୁ କୌଣସି ଜିନିଷ ହଜି ଯାଇପାରେ ।

**ମକର:** ଘରକୁ ବନ୍ଧୁଙ୍କର ଆଗମନ ହେବାରୁ ମନ ଖୁସି ରହିବ ଓ ସୁସ୍ୱାଦୁ ଭୋଜନ କରିବେ । ଦୂରସ୍ଥାନକୁ ଗଲାବେଳେ ସାବଧାନ ସହିତ ଯାଆନ୍ତୁ ଏବଂ କାହାରି ସହିତ କଳହ କରନ୍ତୁ ନାହିଁ । ଛାତ୍ରଛାତ୍ରୀ ପାଠପଢ଼ାରେ ଉନ୍ନତି କରିବେ ।

**କୁମ୍ଭ:** ଆମୋଦପ୍ରମୋଦରେ ସମୟ ଅତିବାହିତ କରିବେ ଓ ସୁସ୍ୱାଦୁ ଭୋଜନ କରିବେ । ବ୍ୟବସାୟରେ ଲାଭ ମିଳିବାରୁ ମନ ଖୁସି ରହିବ ଏବଂ ଭ୍ରମଣ ଯୋଗ ରହିଛି । ମାଙ୍ଗଳିକ କାର୍ଯ୍ୟ ପାଇଁ ଶୁଭଖବର ମିଳିବ ଓ ଘରକୁ ଅତିଥିଙ୍କର ଆଗମନ ହେବ ।

**ମୀନ:** ପାରିବାରିକ ସମସ୍ୟା ଦେଖାଯିବାରୁ ମନରେ ଅସ୍ଥିରତା ବୃଦ୍ଧି ହେବ ଓ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯିବ । କର୍ମକ୍ଷେତ୍ରରେ ନିଜ ଲୋକ ଅସୁବିଧାରେ ପକାଇ ପାରନ୍ତି ସେଥିପାଇଁ ସତର୍କ ରୁହନ୍ତୁ । ମାଙ୍ଗଳିକ କାର୍ଯ୍ୟ ପାଇଁ ଶୁଭଖବର ନ ମିଳିବାରୁ ମନ ଭଲ ରହିବ ନାହିଁ । ଚାକିରି କ୍ଷେତ୍ରରେ ସଫଳତା ପାଇବେ ।

# ମାତୃଭାଷା

କଟକ, ଶନିବାର, ମାର୍ଚ୍ଚ -୧୪, ୨୦୨୬ ପୃଷ୍ଠା: ୪


### ଇରାନ ଉପରେ ଆକ୍ରମଣ ପରେ ଭାରତରେ ଏଲ୍‌ପିଜି ସଙ୍କଟ: କେମିତି ପ୍ରଭାବିତ ହେଉଛି ରୋଷେଇ ଘର ?

ଆମେରିକା ଏବଂ ଇସ୍ରାଏଲ ଦ୍ୱାରା ଇରାନ ଉପରେ କରାଯାଇଥିବା ସାମ୍ପ୍ରତିକ ଆକ୍ରମଣ ପରେ ବିଶ୍ୱ ବଜାରରେ ଏକ ନୂଆ ହଲଚଲ ସୃଷ୍ଟି ହୋଇଛି । ଏହି ଭୂ-ରାଜନୈତିକ ତିକ୍ତତାର ପ୍ରଭାବ ଏଲପିଜି ଗ୍ୟାସର ଯୋଗାଣ ଶୃଙ୍ଖଳା ଉପରେ ମଧ୍ୟ ପଡ଼ିଛି । ଭାରତର ଅନେକ ସହରରୁ ରୋଷେଇ ଗ୍ୟାସ ସିଲିଣ୍ଡର, ବିଶେଷ କରି କମର୍ସିଆଲ ସିଲିଣ୍ଡରର ଅଭାବ ଥିବା ଖବର ସାମ୍ନାକୁ ଆସିବାରେ ଲାଗିଛି । ଏହି ସ୍ଥିତି ପ୍ରତ୍ୟେକ ସେହି ପରିବାର ପାଇଁ ଚିନ୍ତାର ବିଷୟ, ଯାହାର ସକାଳ ଗ୍ୟାସ ଚୁଲାରେ ଚା' ପ୍ରସ୍ତୁତିରୁ ଆରମ୍ଭ ହୋଇଥାଏ । ଏଭଳି ପରିସ୍ଥିତିରେ, ହଜାର ହଜାର କିଲୋମିଟର ଦୂରରେ ଚାଲିଥିବା ଏହି ଯୁଦ୍ଧ ଆମ ରୋଷେଇ ଘରକୁ କିପରି ପ୍ରଭାବିତ କରୁଛି, ତାହା ବୁଝିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି ।

ଏହି ସମଗ୍ର ସଙ୍କଟର ମୂଳରେ ରହିଛି 'ହର୍ମୁଜ ଜଳଡମରୁମଧ୍ୟ' । ଏହା ସମୁଦ୍ରର ସେହି ଗୁରୁତ୍ୱପୂର୍ଣ୍ଣ ତଥା ସଂକୀର୍ଣ୍ଣ ମାର୍ଗ, ଯେଉଁଠାରୁ ସାରା ବିଶ୍ୱର ତୈଳ ଏବଂ ଗ୍ୟାସର ଏକ ବଡ଼ ଅଂଶ ଅତିକ୍ରମ କରିଥାଏ । ଇରାନ ଉପରେ ଆକ୍ରମଣ ଆରମ୍ଭ ହେବା ମାତ୍ରେ ଏହି ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥରେ ଚଳପ୍ରଚଳ ବହୁତ ପ୍ରଭାବିତ ହୋଇଛି । ଭାରତ ଦୃଷ୍ଟିକୋଣରୁ ଏହି ରାସ୍ତା କୌଣସି ଜୀବନରେଖା ଠାରୁ କମ୍ ନୁହେଁ । ଆମ ଦେଶକୁ ଆମଦାନୀ ହେଉଥିବା ମୋଟ ଏଲପିଜିର ପ୍ରାୟ ୮୫ ରୁ ୯୦ ପ୍ରତିଶତ ଅଂଶ, ଯେଉଁଥିରେ ସାଉଦି ଆରବରୁ ଆସୁଥିବା ପରିମାଣ ମଧ୍ୟ ଅନ୍ତର୍ଭୁକ୍ତ, ଏହି ହର୍ମୁଜ ଜଳଡମରୁ ମଧ୍ୟ ଦେଇ ଆସିଥାଏ । ଯେତେବେଳେ ଏହି ରାସ୍ତାରେ ଜାହାଜଗୁଡ଼ିକର ସୁରକ୍ଷାକୁ ନେଇ ବିପଦ ବଢ଼ିଲା, ଭାରତକୁ ଗ୍ୟାସ ପହଞ୍ଚିବାର ଗତି ମନ୍ଥର ହୋଇଗଲା । ଏହି ଯୋଗାଣ ଶୃଙ୍ଖଳା ବାଧାପ୍ରାପ୍ତ ହେବାର ପରିଣାମ ସ୍ୱରୂପ ଆଜି ସ୍ଥାନୀୟ ସ୍ତରରେ ଗ୍ୟାସର ଅଭାବ ଅନୁଭୂତ ହେଉଛି ।

ଏଭଳି ସଙ୍କଟ ମଧ୍ୟରେ ଏହି ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଶେଷରେ ଏହି ଗ୍ୟାସର ସବୁଠାରୁ ବଡ଼ ଉତ୍ପାଦକ କିଏ । ଏହି କ୍ଷେତ୍ରରେ ଆମେରିକା ବିଶ୍ୱର ଅପ୍ରତିଦ୍ୱନ୍ଦ୍ୱୀ ସମ୍ରାଟ । ଆମେରିକା ପାଖରେ ବିଶାଳ ରିଫାଇନାରୀ ନେଟୱାର୍କ ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳ ରହିଛି, ଯାହା ବଳରେ ସେ ସାରା ବିଶ୍ୱର ଏକ ବଡ଼ ଭାଗର ଆବଶ୍ୟକତା ପୂରଣ କରିଥାଏ ।

ପ୍ରଥମେ ବୁଝିବା ଏଲପିଜି କିପରି ତିଆରି ହୁଏ ? ପ୍ରକୃତରେ, ଏହା କୌଣସି ପ୍ରାକୃତିକ ଭାବରେ ସିଧାସଳଖ ଖଣିରୁ ବାହାରୁଥିବା ଗ୍ୟାସ ନୁହେଁ, ବରଂ ଅଶୋଧିତ ତୈଳର ରିଫାଇନିଂ ଏବଂ ପ୍ରାକୃତିକ ଗ୍ୟାସର ପ୍ରକ୍ରିୟାକରଣ ସମୟରେ ବାହାରୁଥିବା ଏକ ବାଇ-ପ୍ରଡକ୍ଟ । ଯେତେବେଳେ ରିଫାଇନାରୀରେ ଅଶୋଧିତ ତୈଳକୁ ସଫା କରାଯାଏ, ସେତେବେଳେ ଅନେକ ପ୍ରକାରର ଗ୍ୟାସ ବାହାରିଥାଏ । ଏଥିମଧ୍ୟରୁ ପ୍ରୋପେନ୍ ଏବଂ ବ୍ୟୁଟେନ୍ ନାମକ ଦୁଇଟି ଗ୍ୟାସକୁ ପୃଥକ କରାଯାଏ ଏବଂ ଉଚ୍ଚ ଚାପ ପ୍ରୟୋଗ କରି ସେଗୁଡ଼ିକୁ ତରଳ ରୂପରେ ପରିଣତ କରାଯାଏ । ଏହି ତରଳ ମିଶ୍ରଣକୁ ଆମେ ଲିକ୍ୱିଫାଏଡ୍ ପେଟ୍ରୋଲିୟମ ଗ୍ୟାସ ଅର୍ଥାତ୍ ଏଲପିଜି କହିଥାଉ ।

ଉତ୍ପାଦନରେ ଆମେରିକା ଆଗରେ ଥାଇପାରେ, କିନ୍ତୁ ଯେତେବେଳେ ମାଟି ତଳେ ଲୁଚି ରହିଥିବା ବିଶାଳ ଗ୍ୟାସ ଭଣ୍ଡାର କଥା ଆସେ, ସେତେବେଳେ ଚିତ୍ର ସମ୍ପୂର୍ଣ୍ଣ ଅଲଗା ହୋଇଥାଏ ।

ପ୍ରାକୃତିକ ଗ୍ୟାସ ରିଜର୍ଭ ମାମଲାରେ ଦୁନିଆର ସବୁଠାରୁ ଧନୀ ଦେଶ ହେଉଛି ରୁଷ । କେବଳ ରୁଷର ସାଇବେରିଆ ଅଞ୍ଚଳରେ ଦୁନିଆର ପ୍ରାୟ ୨୪ ପ୍ରତିଶତ ଗ୍ୟାସ ଭଣ୍ଡାର ଅଛି ।

ଇରାନ: ଦ୍ୱିତୀୟ ସ୍ଥାନରେ ଇରାନର ନାମ ଆସେ । କାତାର ଏବଂ ଇରାନ ମଧ୍ୟରେ ପାରସ୍ୟ ଉପସାଗରରେ ବିଶ୍ୱର ସର୍ବବୃହତ ସାମୁଦ୍ରିକ ଗ୍ୟାସ କ୍ଷେତ୍ର (ସାଉଥ ପାର୍ସ-ନର୍ଥ ଡୋମ) ଅବସ୍ଥିତ, ଯାହାର ଅଧା ଅଂଶ ଇରାନ ନିୟନ୍ତ୍ରଣରେ ଅଛି । କାତାର: ତୃତୀୟ ସ୍ଥାନରେ କାତାର ରହିଛି, ଯିଏ ନିଜର 'ନର୍ଥ ଫିଲ୍ଡ' ଖଜାନା ବଳରେ ବିଶ୍ୱର ସବୁଠାରୁ ବଡ଼ ଏଲଏନଜି ରପ୍ତାନିକାରୀ ମଧ୍ୟ ହୋଇ ରହିଛି । ତୁର୍କମେନିସ୍ତାନ: ଚତୁର୍ଥ ସ୍ଥାନରେ ମଧ୍ୟ ପ୍ରାଚ୍ୟର ଆଉ ଏକ ଦେଶ ତୁର୍କମେନିସ୍ତାନ ଆସେ, ଯେଉଁଠାରେ 'ଗାଲକିନିଶ' ପରି ବିଶାଳ ଗ୍ୟାସ କ୍ଷେତ୍ର ଅଛି । ଆମେରିକା: ଉତ୍ପାଦନରେ ନମ୍ବର ୱାନ ଥିବା ଆମେରିକା ଭଣ୍ଡାର ମାମଲାରେ ପଞ୍ଚମ ସ୍ଥାନରେ ଅଛି ।

ଭାରତ ପାଖରେ ମଧ୍ୟ ନିଜର ପ୍ରାକୃତିକ ଗ୍ୟାସ ଭଣ୍ଡାର ଅଛି । ଦେଶରେ ମୁଖ୍ୟତଃ କୃଷ୍ଣା-ଗୋଦାବରୀ ବେସିନ, ଆସାମ, ରାଜସ୍ଥାନ ଏବଂ ଗୁଜରାଟର ଖମ୍ଭାତ ଉପସାଗରରୁ ଗ୍ୟାସ ବାହାର କରାଯାଏ । ତେବେ ଆମର ବିଶାଳ ଜନସଂଖ୍ୟା ଏବଂ ବହୁଳ ଚାହିଦା ଆଗରେ ଏହି ଘରୋଇ ଉତ୍ପାଦନ ବହୁତ କମ୍ ପଡ଼ିଯାଏ । ସେଥିପାଇଁ ଭାରତ ନିଜର ମୋଟ ଆବଶ୍ୟକତାର ପ୍ରାୟ ୫୦ ପ୍ରତିଶତ ଗ୍ୟାସ ଆମଦାନୀ କରିଥାଏ ।

ଆମର ଏହି ଆବଶ୍ୟକତା ପୂରଣ କରିବାରେ କାତାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଭାରତର ମୋଟ ଏଲଏନଜି ଆମଦାନୀର ୪୦ ରୁ ୪୫ ପ୍ରତିଶତ ଅଂଶ କେବଳ କାତାରରୁ ଆସିଥାଏ । ଏହା ବ୍ୟତୀତ ସାମ୍ପ୍ରତିକ ବର୍ଷଗୁଡ଼ିକରେ ଆମେରିକା ମଧ୍ୟ ଭାରତ ପାଇଁ ଏକ ବଡ଼ ଯୋଗାଣକାରୀ ଭାବେ ଉଭା ହୋଇଛି । ଗଲ୍ଫ ଦେଶଗୁଡ଼ିକ ମଧ୍ୟରେ କାତାର ପରେ ୟୁଏଇ ଏବଂ ଓମାନରୁ ମଧ୍ୟ ଭାରତ ପ୍ରଚୁର ପରିମାଣର ଗ୍ୟାସ କ୍ରୟ କରିଥାଏ । ଦୀର୍ଘକାଳୀନ ଆବଶ୍ୟକତା ପୂରଣ ଏବଂ ନିରବଚ୍ଛିନ୍ନ ଯୋଗାଣ ପାଇଁ ଭାରତ ଅଷ୍ଟ୍ରେଲିଆ ଏବଂ ରୁଷ ଭଳି ଦେଶ ସହିତ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି କରିଛି ।

# ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରରେ ଗଣେଶ ଉପାସନା

**କବୀର କୁମାର ଜେନା**

ଉତ୍କଳୀୟ ପରମ୍ପରାରେ ଗଣପତି ଉପାସନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଉତ୍କଳୀୟ ମାନଙ୍କର ପରମାରାଧ୍ୟ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରରେ ମହାପ୍ରଭୁ ଜଗନ୍ନାଥଙ୍କ ସମେତ ପଞ୍ଚଦେବତାଙ୍କ ଉପାସନା କାହିଁ କେଉଁ କାଳରୁ ଅନସୃତ ହୋଇ ଆସୁଛି । କୁହାଯାଏ, ଏଠାରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ହେବା ପରେ ଓ ପ୍ରତିଷ୍ଠା ପୂର୍ବରୁ କଳ୍ପବଟ ତଳେ ଥିବା ଗଣେଶ ପ୍ରତିଷ୍ଠା ହୋଇଥିଲେ । ରୀତି ଅନୁଯାୟୀ ପ୍ରଥମେ ତାଙ୍କର ପୂଜା କରାଯାଇଥିଲା ।

ଶ୍ରୀଜଗନ୍ନାଥଙ୍କ ଗଜାନନ ବେଶ : ପଞ୍ଚଦଶ ଶତାବ୍ଦୀରେ ମହାରାଷ୍ଟ୍ରରୁ ମହାଗାଣପତ୍ୟ ସମ୍ପ୍ରଦାୟର ଗଣପତି ଭଟ୍ଟ ନାମରେ ଜନୈକ ସାଧୁ ଶ୍ରୀକ୍ଷେତ୍ର ଆସିଥିଲେ । ସେ ପୁରାଣ ଶାସ୍ତ୍ରରୁ ଶ୍ରୀଜଗନ୍ନାଥଙ୍କୁ ପରମବ୍ରହ୍ମ ବୋଲି ଜାଣି ତାଙ୍କ ଠାରେ ନିଜର ଇଷ୍ଟ ଗଣପତିଙ୍କୁ ଦର୍ଶନ କରିବା ଲାଳସାରେ ଧାଇଁ ଆସିଥିଲେ ଏଠାକୁ । ସେ ମନେ ମନେ ସ୍ଥିର କରିଥିଲେ ଯେ ଯଦି ନୀଳାଚଳନାୟକ ପ୍ରକୃତରେ ପରଂବ୍ରହ୍ମ, ତେବେ ସେ ମୋତେ ମୋର ଇଷ୍ଟ ଗଣପତି ରୂପରେ ନିଶ୍ଚିୟ ଦର୍ଶନ ଦେବେ । ତାଙ୍କ ଆଗମନ ସମୟକୁ ମହାପ୍ରଭୁ ସ୍ନାନ ମଣ୍ଡପରେ ବିଜେ କରି ଅଛନ୍ତି । ସେତାଙ୍କର କିମ୍ଭୂତ କିମାକାର ରୂପ ଦେଖି ହେଲେ ଚକିତ । ତାଙ୍କ ଇଷ୍ଟଙ୍କୁ ଦର୍ଶନ ପାଇ ସେ ନିରାଶରେ ଫେରିଗଲେ । ମୁକ୍ତେଶ୍ୱରଙ୍କର ପାଖରେ ପହଞ୍ଚି ସେ ଶୂନ୍ୟବାଣୀ ଶୁଣି ପୁନଶ୍ଚ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କଲେ । ଦେଖିଲେ ଶ୍ରୀବଳଭଦ୍ର ହରିଦ୍ରା ଗଣେଶ ରୂପରେ, ଶ୍ରୀଜଗନ୍ନାଥ ଖାଦିର ଗଣେଶ ରୂପେ ଓ ମା'ସୁଭଦ୍ରା ମାତଙ୍ଗୀ ରୂପରେ ସ୍ନାନ ମଣ୍ଡପରେ ବିଜେ କରିଅଛନ୍ତି । ଏହା ଦେଖି ଗଣପତି ଭଟ୍ଟଙ୍କର ମୋହ ତୁଟିଗଲା । ସେ ଅନୁଭବ କଲେ ମହାପ୍ରଭୁ ପରଂବ୍ରହ୍ମ ଅଟନ୍ତି । ସେ ହେଉଛନ୍ତି ଗଣେଶ, ଶିବ, ଶିବା ଓ ସୂର୍ଯ୍ୟ । ସେ ନିଜେ ଭଗବତ ଗୀତାରେ କହିଛନ୍ତି, 'ମୋତେ ଯିଏ ଯେଉଁପରି ଭାବେ ମୁଁ ତାକୁ ସେହିପରି ଫଳ ଦିଏ ।'

**ଶ୍ରୀବଟ ଗଣେଶ :** ବେଢ଼ା ପରିକ୍ରମା କଲାବେଳେ ଆମେ ଶ୍ରୀମନ୍ଦିରରେ ପହଞ୍ଚିଲେ ଯେଉଁ ପ୍ରତିମା ଗଣେଶଙ୍କ ପ୍ରଥମେ ଦର୍ଶନ କରୁ ସେ ହେଲେ ବଟଗଣେଶ । କଳ୍ପବଟ ମୂଳେ ପ୍ରତିଷ୍ଠିତ ଶ୍ରୀବଟଗଣେଶ କଳ୍ପବଟ ସହିତ ଏଭଳି ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଯେ ଶ୍ରୀମନ୍ଦିର ଭିତରେ ସେ କଳ୍ପବଟର ଏକ ଶାଖା ସଂଲଗ୍ନ ହୋଇ ରହିଛନ୍ତି । ଅତିବଡ଼ୀ ଜଗନ୍ନାଥ ଦାସ ବଟଗଣେଶ ମୂଳରେ ବସି ଓଡ଼ିଆ ଭାଗବତ ରଚନା କରିଥିଲେ । ପ୍ଲଟ ନଂ ୯୫ରେ କଳ୍ପବଟ ମୂଳରେ ଅବସ୍ଥାନ କରୁଥିବା ଏହି ଦକ୍ଷିଣାଭିମୁଖୀ ଗଣେଶଙ୍କୁ କେହି କେହି କଳ୍ପ ଗଣେଶ, ସିଦ୍ଧ ଗଣେଶ, ଚିନ୍ତାମଣି ଗଣେଶ ବୋଲି ଅଭିହିତ କରିଥାନ୍ତି ।



**ଶ୍ରୀନୃତ୍ୟ ଗଣେଶ :** ଶ୍ରୀମନ୍ଦିର ବେଢ଼ାର ଜଳକ୍ରୀଡ଼ା ମଣ୍ଡପ ପଛକୁ ରହିଛି ଦକ୍ଷିଣାଭିମୁଖୀ ୩୫ ଫୁଟ ଉଚ୍ଚତା ବିଶିଷ୍ଟ ଏକ ଅତ୍ୟୁଚ୍ଚ ମନ୍ଦିର । ଏଥିରେ ଛଅଫୁଟ ଉଚ୍ଚତା ବିଶିଷ୍ଟ ସିଂହାସନ ଉପରେ ଏହି ଗଣେଶ ଶକ୍ତି ଉପରେ ନୃତ୍ୟରତ । ଗଜପତି ପୁରୁଷୋତ୍ତମଦେବଙ୍କ ଦ୍ୱାରା ଏହି ବିଗ୍ରହ କାଞ୍ଚିରୁ ଅଣାଯାଇଥିଲା । ଏହାଙ୍କୁ ସମସ୍ତେ ନାଟୁଆ ଗଣେଶ ବା କାଞ୍ଚିଖୁରି ଗଣେଶ ବୋଲି ଜାଣନ୍ତି । ଉପର ବାମ ଓ ଡାହାଣ ହସ୍ତରେ ଯଥାକ୍ରମେ ସର୍ପର ଲାଞ୍ଜ ଓ ଫଣା ଗଣେଶଙ୍କ ଉପରି ଭାଗରେ ବୃତ୍ତାକାରରେ ରହିଛି ।

**କାଞ୍ଚି ଗଣେଶ :** ଶ୍ରୀମନ୍ଦିର ଭିତର ବେଢ଼ାର ପଶ୍ଚିମ ପାର୍ଶ୍ୱରେ ସାକ୍ଷୀଗୋପାଳ ମନ୍ଦିରକୁ ଲାଗି ରହିଛି କାଞ୍ଚି ଗଣେଶ ମନ୍ଦିର । ଶ୍ରୀମନ୍ଦିରର ପ୍ଲଟ ନଂ ୬୫ରେ ପ୍ରାୟ ୨୨ଫୁଟ ଉଚ୍ଚତା ବିଶିଷ୍ଟ ଏହି ମନ୍ଦିରରେ କଳାମୁଗୁନି ପଥରରେ ନିର୍ମିତ ପାଞ୍ଚଫୁଟ ଉଚ୍ଚତାର ଏକ ସୁଦୃଶ୍ୟ ଗଣେଶ ବିଗ୍ରହ ଶୋଭା ପାଉଅଛନ୍ତି । ବିଗ୍ରହ ପଛପଟେ ଏକ ପଥରର ଦ୍ୱିତୀୟା ଚନ୍ଦ୍ରାକୃତି ପ୍ରଭା ରହିଅଛି । ସିଂହାସନ ଉପରେ ଦକ୍ଷିଣ ଗୋଡ଼ ପାଦଭୂମିକୁ ସ୍ପର୍ଶ କରୁଥିବାବେଳେ ବାମଗୋଡ଼ ମୋଡ଼ି ହୋଇ ବସିବା ମୁଦ୍ରାରେ ରହିଛନ୍ତି । ହସ୍ତସଂଖ୍ୟା ୪ ଉପର ଡାହାଣ ହାତରେ ଏକ ଭଗ୍ନଦନ୍ତ, ତଳ ଡାହାଣ ହାତରେ ଜପାମାଳା, ଉପର ବାମ ହାତରେ ପରଶୁ ଧାରଣ କରିଥିବା ବେଳେ ତଳ ବାମ ହାତରେ ପରଶୁ ଧାରଣ କରିଥିବାବେଳେ ତଳ ବାମ ହାତରେ ସିଦ୍ଧି ଦେବୀଙ୍କୁ ଆଲିଙ୍ଗନ କରୁଛନ୍ତି । କର୍ଣ୍ଣାଟକୀ ଶୈଳୀରେ ନିର୍ମିତ ଚତୁର୍ଭୁଜ ବିଶିଷ୍ଟ ଏହି ମୂର୍ତ୍ତି ସମାଧି ଅବସ୍ଥାରେ ବିରାଜମାନ ।

**ଶ୍ରୀକ୍ଷେତ୍ରରେ ଅବସ୍ଥିତ ଗଣେଶ :** ଶ୍ରୀମନ୍ଦିର ବେଢ଼ା ଭିତରେ ଅନେକ ଗଣେଶ ପୂଜା ପାଉଛନ୍ତି । ସେଭଳି ଶ୍ରୀମନ୍ଦିର ବେଢ଼ା ବାହାରେ ମଧ୍ୟ ଶ୍ରୀକ୍ଷେତ୍ରର ବିଭିନ୍ନ ସ୍ଥାନରେ ଗଣେଶଙ୍କ ଉପାସନା ଚାଲିଛି ।

**ଗଣେଶ ଗୁରୁଜରେ ଚାରଗଣେଶ :** ବଡ଼ଦାଣ୍ଡର ବାମଭାଗରେ ନରେନ୍ଦ୍ର ପୁଷ୍କରିଣୀକୁ ଯିବା ରାସ୍ତାରେ ଏହି ଗଣେଶ ଜାଗାଟି ଅବସ୍ଥିତ । ଏଠାରେ ମୁଖ୍ୟଦେବତା ରୂପେ ପୂଜା ପାଉଥିବା ଠାକୁରଙ୍କୁ ଚାରଗଣେଶ ବୋଲି କୁହାଯାଏ । କିମ୍ବଦନ୍ତୀ କୁହେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ହେବା ସମୟରେ ଏହିଠାରୁ ଚାର ବନ୍ଧାଯାଇ ପଥର କୁହାଯାଉଥିଲା ଓ ବିଘ୍ନନାଶକ ଶ୍ରୀଗଣେଶଙ୍କୁ ସ୍ଥାପନ କରାଯାଇ ଏହିଠାରେ ଭାଡ଼ି ବନ୍ଧାଯାଇଥିଲା ।

**ଶ୍ରୀକପାଳମୋଚନ ମହାଦେବ ମନ୍ଦିରରେ ସିଦ୍ଧ ବିନାୟକ :** ପ୍ରାଚୀନ ସମୟରୁ ପ୍ରତିଷ୍ଠିତ ଏହି ମନ୍ଦିର ପୁରୀ ସହରରେ ମଣିକର୍ଣ୍ଣିକା ସାହିର ଅଗ୍ରଭାଗରେ ତଥା ଗାଣ୍ଡୁଆ ଚଉରାଛକ ନିକଟରେ ଅବସ୍ଥିତ । ଏହି ମନ୍ଦିରର ଚତୁଃପାର୍ଶ୍ୱରେ ଉଚ୍ଚପ୍ରସ୍ତର ପ୍ରାଚୀର ଘେରି ରହିଛି । ମନ୍ଦିର ପରିସରଟି ୮୦/୯୦ ଫୁଟ ଓସାର ପରିମିତ ମଧ୍ୟରେ ଅବସ୍ଥିତ । ଶ୍ରୀମନ୍ଦିରର ଦକ୍ଷିଣଦ୍ୱାର ଠାରୁ ଶ୍ରୀଲୋକନାଥ ମନ୍ଦିରକୁ ଯାଇଥିବା ମୁଖ୍ୟ ରାସ୍ତାର ବାମପାର୍ଶ୍ୱରେ ଅବସ୍ଥିତ ଏହି ମନ୍ଦିରର ଏକ ମାତ୍ର ପ୍ରବେଶ ଦ୍ୱାର ରହିଅଛି । ରାସ୍ତା ପତନ ଠାରୁ ପ୍ରାୟ ୧୨ ଗୋଟି ପାହାଚ ଅତିକ୍ରମ କରିବା ପରେ ମନ୍ଦିରର ବେଢ଼ାକୁ ପ୍ରବେଶ କରିବାକୁ ହୋଇଥାଏ ।


*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,*
*ଦୂରଭାଷ : ୯୪୩୭୬୭୪୯୯୦*


# ସୋସିଆଲ ମିଡ଼ିଆ ଓ ଆଜିର ନାରୀ

**ରାଜରଶ୍ମୀ ଦାସ**

ବର୍ତ୍ତମାନର ସମୟକୁ ଦେଖିଲେ ସବୁଠି ସୋସିଆଲ ମିଡ଼ିଆ ବା ସାମାଜିକ ଗଣମାଧ୍ୟମ ଏକ ପ୍ରକାର ଛାଇ ହୋଇଯାଇଛି । ସେ ଆମ ଜୀବନର ଏକ ବନ୍ଧୁ ହେବା ସହ ଅନେକଙ୍କ ସହିତ ସମ୍ପର୍କ ଯୋଡ଼ି ପାରୁଛି ଏବଂ ବିଚାର ଧାରା ମଧ୍ୟ ପ୍ରସାରିତ ହୋଇପାରୁଛି । ଭାରତୀୟ ଆବହମାନ ସଂସ୍କୃତି, ପରମ୍ପରା ଓ ନାରୀ ନୀତିକୁ ଦେଖିଲେ ଏହାକୁ ଗୁରୁତ୍ୱପୂର୍ଣ୍ଣ ଯେ ମହିଳା ଜଣଙ୍କ ନିଜ ସମ୍ମାନ, ମର୍ଯ୍ୟାଦା, ଦାୟିତ୍ୱ, ସମାନତା, ଅଧିକାର ଓ ସର୍ବୋପରି ଆତ୍ମ ପରିଚୟକୁ ନେଇ ଗୌରବ ବିମଣ୍ଡିତ ହୋଇଥାଏ । ଆଜିର ମହିଳା ମାନଙ୍କ ଜୀବନରେ ସାମାଜିକ ଗଣମାଧ୍ୟମ ଅନେକ ପ୍ରଭାବ ପକାଇଛି । ଏହା ମହିଳାଟିର ଜୀବନରେ ଅନେକ ଆଶା, ସମ୍ଭାବନା ଓ ଆହ୍ୱାନକୁ ବାସ୍ତବ ରୂପ ଦେବା ସହ ବିଶ୍ୱ ସ୍ତରରେ ମହିଳା ସଶକ୍ତି କରଣର ଏକ କ୍ରାନ୍ତୀକାରୀ ମଶାଲ ପାଲଟିଛି ।



ସାମାଜିକ ଗଣମାଧ୍ୟମ ଦ୍ୱାରା ଆଜି ଶିକ୍ଷା, ଜ୍ଞାନକୌଶଳ ଓ ଦକ୍ଷତା ଲାଭ ନାରୀ ମାନଙ୍କ ହାତ ପାହାନ୍ତାରେ । ୟୁଟ୍ୟୁବ, ଇନଷ୍ଟାଗ୍ରାମ, ମୁକ୍ତ ଅନଲାଇନ ପାଠ୍ୟକ୍ରମ, ଫେସବୁକ ଲାଇଭ କ୍ଲାସ, ଟେଲିଗ୍ରାମ ଗ୍ରୁପ, ଅନଲାଇନ କ୍ଲାସ, ୱେବିନାର, ମୋଟିଭେସନାଲ ଭିଡ଼ିଓ ଆଦି ନାରୀ ମାନଙ୍କୁ ଘରେ ବସି କୋଚିଂ, ଡିଜିଟାଲ ସାକ୍ଷରତା, ସିଲେଇ, ରୋଷେଇ, କଳା ଏବଂ ହସ୍ତଶିଳ୍ପ ଓ ଅନଲାଇନ ଶିକ୍ଷାଦାନ, ବ୍ୟୁଟିକ୍ ପାଠ୍ୟକ୍ରମ, ଦକ୍ଷତା ବିକାଶ ପାଠ୍ୟକ୍ରମ, ଇଂରାଜୀରେ କଥାବାର୍ତ୍ତା ପର୍ଯ୍ୟନ୍ତ ନୂତନ ଦକ୍ଷତା ଶିକ୍ଷା କରିବାର ଅବସର ଦେଇଛି । କେବଳ ସେତିକି ନୁହେଁ ମହିଳା ମାନଙ୍କ ପାଇଁ ସାମାଜିକ ଗଣମାଧ୍ୟମ ଅନେକ ସୁଯୋଗ ଓ ସମ୍ଭାବନା ଘରୁ ହିଁ ସାମର୍ଥ୍ୟ ସୃଷ୍ଟି କରିବାର କ୍ଷେତ୍ର ତିଆରି କରିଛି । ବର୍ତ୍ତମାନର ସମୟର ମହିଳାମାନେ ଫେସବୁକ, ଇନଷ୍ଟାଗ୍ରାମ, ୟୁଟ୍ୟୁବର ସହାୟତାରେ ଡିଜିଟାଲ କୋଚିଂ ବ୍ୟବସାୟ କରିବା ସହ ହର୍ବାଲ ଉତ୍ପାଦ ସାମଗ୍ରୀ, ଘରୋଇ ପ୍ରସ୍ତୁତି ଖାଦ୍ୟ, ମେକଅପ ଓ ସୌନ୍ଦର୍ଯ୍ୟ ସାମଗ୍ରୀ ଠାରୁ ସ୍ୱୟଂ ସହାୟକ ସଂଗଠନର ମହିଳାମାନେ ଛୋଟମୋଟର ହସ୍ତ ଉତ୍ପାଦିତ ସାମଗ୍ରୀ ଠାରୁ ଜୈବିକ ଚାଷ, ହ୍ୟାଣ୍ଡଲୁମ ଠାରୁ ବିଭିନ୍ନ ପ୍ରକାର କର୍ମ ସଂସ୍ଥାନର କ୍ଷେତ୍ରରେ ଯୋଗଦାନ କରି ନିଜ ପରିବାରର ଅର୍ଥନୀତିରେ ନିଜକୁ ସାମିଲ କରିପାରୁଛନ୍ତି ।

ସାମାଜିକ ଗଣମାଧ୍ୟମର ବିଭିନ୍ନ ଦିଗ ମଧ୍ୟ ରହିଛି । ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି କେତେକ କ୍ଷେତ୍ରରେ ଦେଖାଯାଉଛି ଯେ ସାମାଜିକ ଗଣମାଧ୍ୟମରେ ଘଣ୍ଟା ଘଣ୍ଟା ଧରି ମହିଳାମାନେ ଏହି ମାୟାଜାଲରେ ଛନ୍ଦି ହୋଇ ନିଜ ଘର ପରିବାର ଓ ପିଲାମାନଙ୍କୁ ପର୍ଯ୍ୟାପ୍ତ ସମୟ ଦେଇ ପାରିନଥିବାରୁ ଏହା ଏକ ପ୍ରକାର ପାରିବାରିକ ଓ ମାନସିକ ଦ୍ୱନ୍ଦ୍ୱ ଓ ବିଶୃଙ୍ଖଳା ମଧ୍ୟ ସୃଷ୍ଟି କରୁଛି । ଗୋଟିଏ ପଟରେ ପରମ୍ପରା, ପରିବାର, ମୂଲ୍ୟ ଅନ୍ୟପଟରେ ପରିଚୟ, ଡିଜିଟାଲ ଅଭିବ୍ୟକ୍ତି, ଖୋଲା ବିଚାର ଧାରା, ମୁକ୍ତ ସ୍ୱାଧୀନତା । ଏ ସବୁ ଭିତରେ କିନ୍ତୁ ଏହା ନିଃସନ୍ଦେହ ଯେ ମହିଳାମାନେ ସାମାଜିକ ଗଣମାଧ୍ୟମର ସହଯୋଗରେ ଅର୍ଥନୀତିକ ସ୍ୱାଧୀନତା, ସୃଜନଶୀଳତା ଓ ପରିଚୟ, ଗୌରବ ପାଇବା ସହ ସାମାଜିକ ଗଣମାଧ୍ୟମ ଯେ ଏକ ମହିଳା ସଶକ୍ତିକରଣର ପ୍ରମୁଖ ମଞ୍ଚ ଏହା ପ୍ରତୀୟମାନ ହୋଇପାରିବ । ସାମାଜିକ ଗଣମାଧ୍ୟମକୁ ଯଥାର୍ଥ ଭାବରେ ଉପଯୋଗ କଲେ ମହିଳା ସଶକ୍ତୀକରଣ ଓ ସାମାଜିକ ଉନ୍ନତି ଅଭିବୃଦ୍ଧିରେ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭାଗିଦାରୀତାକୁ ଆହୁରି ବଢ଼ାଇପାରିବ ନିଶ୍ଚୟ । ଏହା ମହିଳା ମାନଙ୍କୁ ସାମୂହିକ ଦାୟିତ୍ୱ ନିର୍ବାହ ସହ ଆର୍ଥିକ ସ୍ୱାଧୀନତା, ସ୍ୱରର ସ୍ୱାଧୀନତା ଓ ଆତ୍ମା ସ୍ୱାଭିମାନର ଉଚ୍ଚତାକୁ ଯଥାର୍ଥ ଭାବେ ଆଗେଇ ନେବାରେ ସମର୍ଥ ହୋଇପାରିବ ।


*'ସତ୍ୟାଳୟ' ପ୍ଲଟ ନଂ-୧୦୮୭/ଡ଼, ସେକ୍ଟର-୬, ସିଡ଼ିଏ, କଟକ*


# ଯୁବ ଚେତନା, ସୋସିଆଲ ମିଡ଼ିଆ ଓ ୟୁଟ୍ୟୁବ

**ସତ୍ୟ ମହାପାତ୍ର**

ଆମ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କର ସାରା ବିଶ୍ୱରେ ଇନଷ୍ଟାଗ୍ରାମ, ଫେସବୁକ, ୟୁଟ୍ୟୁବରେ ପୃଥିବୀର ଅନ୍ୟ ଦେଶର ଶାସନ ମୁଖ୍ୟଙ୍କ ସ୍ତରକୁ ଦେଖିଲେ ସର୍ବାଧିକ ଅନୁଗାମୀ ମୋଦିଜୀଙ୍କର ରହିଛନ୍ତି । ଭାରତକୁ ବିଶ୍ୱଗୁରୁ କୁହାଯାଏ ଏବଂ ବିଶ୍ୱର ସର୍ବାଧିକ ଲୋକପ୍ରିୟ ଓ ଅନ୍ୟତମ ଶକ୍ତିଶାଳୀ ନେତା ଭାବେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କୁ ସମସ୍ତେ ଜାଣନ୍ତି । ଯଦିଓ ପୃଥିବୀରେ ଏହି ଶ୍ରେଣୀରେ ସବୁଠୁ ଶୀର୍ଷରେ ରହିଛନ୍ତି ପର୍ତ୍ତୁଗାଲର ତାରକା ଖଚିତ ଫୁଟବଲ ଖେଳାଳୀ ରୋନାଲ୍ଡୋ । ଖେଳ କ୍ଷେତ୍ରକୁ ଦେଖିଲେ ଭାରତରେ ବିରାଟ କୋହିଲିଙ୍କର ସତୁରୀ କୋଟିରୁ ଅଧିକ ଫଲୋଅର୍ସ ସୋସିଆଲ ମିଡ଼ିଆରେ ରହିଛନ୍ତି । ସୋସିଆଲ ମିଡ଼ିଆ ବର୍ତ୍ତମାନ ସମୟରେ ଆମ ଜୀବନ ସହିତ ଏପରି ମିଶିଗଲାଣି ଯେ ଏହା ଉଭୟ ଭଲ ଓ ଭେଲ ଦିଗ ପରି କାର୍ଯ୍ୟ କରୁଛି । ଏହା ଅସ୍ୱୀକାର କରି ହେବନାହିଁ ଯେ ସୋସିଆଲ ମିଡ଼ିଆ ଆମକୁ ଅନେକ କିଛି ଦେଇଛି । ଶିକ୍ଷା ଠାରୁ ସ୍ୱାସ୍ଥ୍ୟ, ବ୍ୟବସାୟ ଠାରୁ ଯୋଗାଯୋଗ, କୃଷି ଠାରୁ ଆଇନ, ମହାକାଶ ବିଜ୍ଞାନ ଠାରୁ କ୍ରୀଡ଼ା, ସବୁକ୍ଷେତ୍ରରେ ଏହି ସୋସିଆଲ ମିଡ଼ିଆ ବା ସାମାଜିକ ଗଣମାଧ୍ୟମ ଆମର ସାମାଜିକ, ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନ ସହିତ ଏକ ପ୍ରକାର ମିଶିଗଲାଣି । ସେହିପରି ୟୁଟ୍ୟୁବ ବର୍ତ୍ତମାନ ସମୟରେ ଏପରି ଏକ ଅତ୍ୟାଚାର୍ଯ୍ୟ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଯାହା ସମ୍ବାଦ, ଶିକ୍ଷା, ମନୋରଞ୍ଜନ, ସଂଗୀତ ସବୁକିଛି ଆମକୁ ଦେଇପାରୁଛି । ସେହିପରି ହ୍ୱାଟସ ଆପ୍ ଏକ ମେସେଜିଂ ପ୍ଲାଟଫର୍ମ ଯାହାଦ୍ୱାରା ଭିଡ଼ିଓ କଲ, ଗ୍ରୁପ ସଂଯୋଗ, ଚାର୍ଟ ଓ ଭଏସ କଲ ଦ୍ୱାରା ଯୁବପିଢ଼ି ନୂତନ ନେଟୱାର୍କିଂ ଦୁନିଆରେ ପାଦ ଦେବା ସହ ବିଶ୍ୱର ଏକ ଅଖ୍ୟାତ ଗ୍ରାମର ଅଜଣା ଯେ କେହି ବି ଜଣେ ଏହି ୟୁଟ୍ୟୁବ ଦ୍ୱାରା କେବଳ ନିଜର ଅନୁଗାମୀ ବଢ଼ାଉ ନାହାଁନ୍ତି ବରଂ ଲକ୍ଷ ଲକ୍ଷ ଟଙ୍କା ହାତପାହାନ୍ତାରେ ଘରେ ବସି ରୋଜଗାର କରୁଛନ୍ତି ।

କିଛି ଦିନ ତଳେ ବର୍ଷିଆନ ସାମ୍ବାଦିକ ରବିସ୍ କୁମାର 'ଏନଡିଟିଭି' ଛାଡ଼ିବା ପରେ ନିଜ ୟୁଟ୍ୟୁବ ଚ୍ୟାନେଲ ଖୋଲି ବର୍ଷକୁ କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି । ସାମାଜିକ ଗଣମାଧ୍ୟମ କ୍ଷେତ୍ର ବିଶେଷକରି ସୋସିଆଲ ମିଡ଼ିଆର ନାଁ କମାଇଥିବା ଇନଫ୍ଲୁଏନସର ମାନଙ୍କ ଆଲୋଚନା କଲେ ଭାରତର ମିଷ୍ଟର ବିଷ୍ଟ ହେଉଛନ୍ତି ସବୁଠାରୁ ପ୍ରଭାବଶାଳୀ ଇନଫ୍ଲୁଏନସର । ତାଙ୍କ ୟୁଟ୍ୟୁବର ସବସ୍କ୍ରାଇବର ସଂଖ୍ୟା ୪୧୫ ନିୟୁତ ହୋଇଥିବାବେଳେ ସେ ବର୍ତ୍ତମାନ ୮୩୫୦ କୋଟି ସମ୍ପତ୍ତିର ମାଲିକ । ତାଙ୍କ ପଛରେ ହରିୟାନାର ରୋଷ୍ଟିଂ ଭିଡ଼ିଓ କରୁଥିବା କ୍ୟାରି ମିନାଟି ମଧ୍ୟ ବେଶ ଲୋକପ୍ରିୟ । ସେହିପରି ଗୁଜୁରାଟର ଭୁବନ ବାମ, ଦିଲ୍ଲୀ ନିବାସୀ ଟ୍ରିଗର୍ଡ଼ ଇନସାନ୍, ଦିଲ୍ଲୀର କଣ୍ଟେଣ୍ଟ କ୍ରିଏଟର ଆଶିଷ ଚଞ୍ଚଲାନୀ, କନ୍ନଡ ସୋସିଆଲ ମିଡ଼ିଆ ଇନଫ୍ଲୁଏନସର ଜନ୍ନତ ଜୁବୈର, ବ୍ଲଗର ଭାବେ ହରିୟାନାର ଜନ୍ମିତ ଜର୍ମାନରେ ରହୁଥିବା ଧ୍ରୁବ ରାଠି, ଟେକ୍ନିକାଲ ଗୁରୁଜୀ ନାଁରେ ଲୋକପ୍ରିୟ ଗୌରବ ଚୌଧୁରୀ, ଭାରତୀୟ ଫେସନ ଇନଫ୍ଲୁଏନସର ନାନ୍ସି ତ୍ୟାଗୀ, ମଜାଳିଆ ଭିଡ଼ିଓ କରୁଥିବା କୁଶା କପିଲା, ଲୋକପ୍ରିୟ ୟୁଟ୍ୟୁବର ପ୍ରାଜକ୍ତା କୋଲି ପ୍ରମୁଖ । ତେବେ ବଡ଼କଥା ହେଉଛି ଏହି ୟୁଟ୍ୟୁବ ଘରେ ବସି ଅନେକ ରୋଜଗାର ଦେଉଛି ଅନେକଙ୍କୁ । କରୋନା ସମୟରେ ଆମ ଓଡ଼ିଶାର ସମ୍ବଲପୁରର ଜନୈକ ଦାଦନ ଫେରନ୍ତା ଇଷାକ୍ ମୁଣ୍ଡାଙ୍କ ପଖାଳ କଂସା ଓ ଘରୋଇ ବ୍ୟଞ୍ଜନ ୟୁଟ୍ୟୁବରେ ଢ଼େର ଚର୍ଚ୍ଚା ସୃଷ୍ଟି କରିବା ସହ ସେ କେବଳ ଲକ୍ଷାଧିକ ଟଙ୍କା ପାଇନଥିଲେ ବରଂ ଖୋଦ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସମର୍ଥ ହୋଇଥିଲେ । ଓଡ଼ିଆ ସମତେ ଅନେକ ଆଞ୍ଚଳିକ ଭାଷାରେ ୟୁଟ୍ୟୁବ ଚ୍ୟାନେଲ ବର୍ତ୍ତମାନ ସମୟରେ ଭର୍ତ୍ତି ହୋଇଛି ।



ସୋସିଆଲ ମିଡ଼ିଆ ଯେତିକି ଭଲ ସେତିକ ଖରାପ ମଧ୍ୟ । ଅନେକ କୁହନ୍ତି ବିଦ୍ୟାର୍ଥୀମାନେ ସୋସିଆଲ ମିଡ଼ିଆ ଉପରେ ମାତ୍ରାଧିକ ନିର୍ଭରଶୀଳତା ରଖୁଥିବାରୁ ସେମାନଙ୍କର ବୌଦ୍ଧିକତା, ମୌଳିକତା ହ୍ରାସ ପାଉଛି । ଏହା ନିଃସଙ୍ଗତା ସୃଷ୍ଟି କରିବା ସହ କେତେକ କ୍ଷେତ୍ରରେ ଟ୍ରୋଲିଂ ଭୟରେ କୌଣସି ଦଙ୍ଗା ହଙ୍ଗାମା ପରିସ୍ଥିତି ସହ ଅନେକ ଜୀବନ ହାରି ଥାଆନ୍ତି । ପିଲାମାନଙ୍କ କ୍ଷେତ୍ରରେ ଅତ୍ୟଧିକ ସୋସିଆଲ ମିଡ଼ିଆର ବ୍ୟବହାର ସେମାନଙ୍କର ଆତ୍ମୀୟ ସ୍ୱଜନଙ୍କ ମେଳର ସମ୍ପର୍କକୁ ନଷ୍ଟ କରିଦେଇଥାଏ । କେତେକ କ୍ଷେତ୍ରରେ ଅଜଣା ଲିଙ୍କର ବ୍ଲାକମେଲିଂ ଶିକାର ହୋଇ କେବଳ ପିଲାମାନେ ନୁହଁନ୍ତି ବୟସ୍କ ମାନେ ମଧ୍ୟ କୁପଥଗାମୀ ହେବାର ନଜିର ରହିଛି । ଭିଡ଼ିଓ ଗେମିଂ ଦ୍ୱାରା ଅନେକ ଛାତ୍ର ଆତ୍ମହତ୍ୟା କରିବା ସହ ବେଳେ ବେଳେ ନିଜ ବାପା-ମାଆଙ୍କ କଥାକୁ ସେମାନେ ବୁଝିବାକୁ ଉଚିତ ମନେ କରିନଥାନ୍ତି । ନିଜକୁ ବିଜ୍ଞାପିତ କରିବାର ଉପଯୁକ୍ତ ସାଧନ ଏହି ସୋସିଆଲ ମିଡ଼ିଆ ହୋଇଥିବାରୁ ଆତ୍ମ ବିଜ୍ଞପିତ କରିବାର ପ୍ରବଳ ଉତ୍ସାହ ଜଣଙ୍କର ସୃଜନ ମୌଳିକତାକୁ ଧ୍ୱଂସ କରିଥାଏ । ସରକାରଙ୍କ ତରଫରୁ କିଛି ନୀତି ନିୟମ ରହୁଛି ତେବେ ଏସବୁ ଭିତରେ ସୋସିଆଲ ମିଡ଼ିଆ ଜଣଙ୍କର ଜ୍ଞାନ ଉନ୍ନତିର ମହାନ ଅସ୍ତ୍ର ତ ନିଶ୍ଚୟ ତେବେ ଭାରତର ବୃହତ୍ କ୍ରୀୟାଶୀଳ ମାନବ ସମ୍ବଳ ଏହି ଡିଜିଟାଲ ନଦୀର ସ୍ରୋତରେ ନ ଭାସି ଏହାର ସୁଯୋଗକୁ ଉପଯୋଗ କଲେ ଏହା ଯୁବ ବର୍ଗଙ୍କ ପାଇଁ ନିର୍ଭରଯୋଗ୍ୟ ବନ୍ଧୁ ପାଲଟି ପାରିବ ।


*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,*
*'ସତ୍ୟାଳୟ' ପ୍ଲଟ ନଂ-୧୦୮୭/ଡ଼ି,*
*ସେକ୍ଟର-୬, ସିଡ଼ିଏ, କଟକ,*
*ଦୂରଭାଷ : ୯୬୫୮୧୦୫୫୩୨*


# ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବଂ ବିଶ୍ୱରେ ତୈଳ ସଙ୍କଟ

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ମଧ୍ୟପ୍ରାଚ୍ୟକୁ ବିଶ୍ୱର ସବୁଠାରୁ ରଣନୈତିକ ଏବଂ ଆର୍ଥିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ । ଏହି ଅଞ୍ଚଳ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସରେ ସମୃଦ୍ଧ । ତେଣୁ, ବିଶ୍ୱର ଅଧିକାଂଶ ଦେଶ ଏହି ଅଞ୍ଚଳର ତୈଳ ସମ୍ପଦ ଉପରେ ନିର୍ଭର କରନ୍ତି । ତଥାପି, ମଧ୍ୟପ୍ରାଚ୍ୟ ଦୀର୍ଘ ଦିନ ଧରି ରାଜନୈତିକ ଅସ୍ଥିରତା, ଧାର୍ମିକ ସଂଘର୍ଷ ଏବଂ ଭୂ-ରାଜନୈତିକ ବିବାଦ ଦ୍ୱାରା ଜର୍ଜରିତ । ଏହି ସମସ୍ତ ସଂଘର୍ଷ ଏବଂ ଯୁଦ୍ଧ ବିଶ୍ୱ ତୈଳ ବଜାରକୁ ପ୍ରଭାବିତ କରେ ଏବଂ ତୈଳ ସଙ୍କଟ ସୃଷ୍ଟି କରେ । ମଧ୍ୟପ୍ରାଚ୍ୟରେ, ଇରାକ, ଇରାନ, ସାଉଦି ଆରବ, କୁଏତ, କତାର, ସଂଯୁକ୍ତ ଆରବ ଏମିରେଟ୍ସ ଏବଂ ଅନ୍ୟାନ୍ୟ ଦେଶ ତୈଳ ଉତ୍ପାଦନରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି । ବିଶ୍ୱର ମୋଟ ପେଟ୍ରୋଲିୟମ ଭଣ୍ଡାରର ଏକ ବଡ଼ ଅଂଶ ଏହି ଅଞ୍ଚଳରେ ଅବସ୍ଥିତ । ତେଣୁ, ଏଠାରେ ଯେକୌଣସି ଯୁଦ୍ଧ କିମ୍ବା ସଂଘର୍ଷ ସିଧାସଳଖ ବିଶ୍ୱ ତୈଳ ଯୋଗାଣ ଏବଂ ମୂଲ୍ୟକୁ ପ୍ରଭାବିତ କରେ । ଅତୀତରେ, ମଧ୍ୟପ୍ରାଚ୍ୟ ଅନେକ ଯୁଦ୍ଧ ଦେଖିଛି । ୧୯୭୩ ଆରବ-ଇସ୍ରାଏଲ ଯୁଦ୍ଧ ପରେ, ଏକ ତୈଳ ସଙ୍କଟ ସମଗ୍ର ବିଶ୍ୱକୁ କବଳିତ କରିଥିଲା । ସେହି ସମୟରେ, ଆରବ ଦେଶଗୁଡ଼ିକ କିଛି ପାଶ୍ଚାତ୍ୟ ଦେଶକୁ ତୈଳ ଯୋଗାଣ ବନ୍ଦ କରିଦେଇଥିଲେ । ଫଳସ୍ୱରୂପ, ତୈଳ ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇ ବିଶ୍ୱ ଅର୍ଥନୀତିକୁ ଏକ ଗଭୀର ସଙ୍କଟ ଭିତରକୁ ଠେଲି ଦେଇଥିଲା । ଏହାକୁ ଆଧୁନିକ ଇତିହାସର ପ୍ରଥମ ପ୍ରମୁଖ ତୈଳ ସଙ୍କଟ ବୋଲି ବିବେଚନା କରାଯାଏ ।

୧୯୯୦ ମସିହାରେ, ଇରାକ କୁଏତ ଆକ୍ରମଣ କରିଥିଲା, ଯାହା ଫଳରେ ଉପସାଗରୀୟ ଯୁଦ୍ଧ ହୋଇଥିଲା । ଏହି ଯୁଦ୍ଧ ବିଶ୍ୱ ତୈଳ ବଜାରକୁ ମଧ୍ୟ ଅସ୍ଥିର କରିଥିଲା । କୁଏତର ତୈଳ କୂପଗୁଡ଼ିକ ପ୍ରଥମେ ଖନନ ହେବା ପରଠାରୁ, ତୈଳ ଉତ୍ପାଦନ ଗୁରୁତର ଭାବରେ ପ୍ରଭାବିତ ହୋଇଛି । ଏହା ତୈଳ ମୂଲ୍ୟ ବୃଦ୍ଧି କରିଛି ଏବଂ ବିଶ୍ୱର ଅନେକ ଦେଶର ଅର୍ଥନୀତିକୁ ଦୁର୍ବଳ କରିଛି । ସାମ୍ପ୍ରତିକ ବର୍ଷଗୁଡ଼ିକରେ, ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଉତ୍ତେଜନା, ସିରିଆର ଗୃହଯୁଦ୍ଧ ଏବଂ ୟେମେନ ସଂଘର୍ଷ ମଧ୍ୟପ୍ରାଚ୍ୟକୁ ମଧ୍ୟ ଅସ୍ଥିର କରିଛି । ଏହି ସମସ୍ତ ସଂଘର୍ଷ ବିଶ୍ୱ ତୈଳ ବଜାରକୁ ପ୍ରଭାବିତ କରେ । ବିଶେଷକରି, ହର୍ମୁଜ୍ ପ୍ରଣାଳୀ ତୈଳ ପରିବହନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗ ଭାବରେ ଜଣାଶୁଣା । ସେଠାରେ ଯେକୌଣସି ସଂଘର୍ଷ ତୈଳ ପରିବହନକୁ ବାଧା ଦିଏ ଏବଂ ବିଶ୍ୱ ତୈଳ ମୂଲ୍ୟ ବୃଦ୍ଧି କରେ । ମଧ୍ୟପ୍ରାଚ୍ୟ ଯୁଦ୍ଧ ତୈଳ ଉତ୍ପାଦନ ଏବଂ ରପ୍ତାନିକୁ ବାଧା ଦିଏ । ଯୁଦ୍ଧ ସମୟରେ, ତୈଳ କୂପ, ରିଫାଇନାରୀ ଏବଂ ପାଇପଲାଇନ କ୍ଷତିଗ୍ରସ୍ତ ହୋଇପାରେ । ଏହା ତୈଳ ଉତ୍ପାଦନ ହ୍ରାସ କରେ ଏବଂ ଯୋଗାଣର ଅଭାବ ସୃଷ୍ଟି କରେ । ଯେତେବେଳେ ବଜାରରେ ତୈଳ ଯୋଗାଣ ହ୍ରାସ ପାଏ, ମୂଲ୍ୟ ବୃଦ୍ଧି ପାଏ । ଏହି ପରିସ୍ଥିତିକୁ ତୈଳ ସଙ୍କଟ କୁହାଯାଏ ।

ତୈଳ ସଙ୍କଟ ସମସ୍ତ ଦେଶର ଅର୍ଥନୀତିକୁ ପ୍ରଭାବିତ କରେ କାରଣ ପେଟ୍ରୋଲିୟମ୍ ଆଜିର ଆଧୁନିକ ଶିଳ୍ପ, ପରିବହନ ଏବଂ ଶକ୍ତି ବ୍ୟବସ୍ଥାର ମୁଖ୍ୟ ଆଧାର । ଯେତେବେଳେ ତେଲ ମୂଲ୍ୟ ବୃଦ୍ଧି ପାଏ, ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ମଧ୍ୟ ବୃଦ୍ଧି ପାଏ । ଫଳସ୍ୱରୂପ, ପରିବହନ ଖର୍ଚ୍ଚ ବୃଦ୍ଧି ପାଏ, ଏବଂ ସାମଗ୍ରୀର ମୂଲ୍ୟ ମଧ୍ୟ ବୃଦ୍ଧି ପାଏ, ଯାହା ସମସ୍ୟାକୁ ଆହୁରି ଗମ୍ଭୀର କରିଥାଏ । ଭାରତ ଭଳି ବିକାଶଶୀଳ ଦେଶମାନଙ୍କ ପାଇଁ, ତୈଳ ସଙ୍କଟ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରେ । ଭାରତ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରୁ ଏହାର ତୈଳ ଆବଶ୍ୟକତାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଆମଦାନୀ କରେ । ତେଣୁ, ଏହି ଅଞ୍ଚଳରେ ଯୁଦ୍ଧ ଭାରତର ଅର୍ଥନୀତି ଏବଂ ଶକ୍ତି ସୁରକ୍ଷାକୁ ପ୍ରଭାବିତ କରେ । ଯଦି ତେଲ ମୂଲ୍ୟ ବୃଦ୍ଧି ପାଏ, ତେବେ ଭାରତର ଆମଦାନୀ ଖର୍ଚ୍ଚ ବୃଦ୍ଧି ପାଏ, ଏବଂ ଦେଶର ବାଣିଜ୍ୟ ନିଅଣ୍ଟ ବୃଦ୍ଧି ପାଏ । ତୈଳ ସଙ୍କଟର ଆଉ ଏକ ପ୍ରଭାବ ହେଉଛି ଆର୍ଥିକ ଅସ୍ଥିରତା । ଯଦି ତେଲ ମୂଲ୍ୟ ବୃଦ୍ଧି ପାଏ, ତେବେ ଶିଳ୍ପ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ପାଏ । ଏହା ଉତ୍ପାଦନ ହ୍ରାସ କରେ ଏବଂ ଆର୍ଥିକ ମାନ୍ଦାବସ୍ଥା ଆଡ଼କୁ ନେଇଯାଏ । ବିଶ୍ୱ ବଜାର ଅଧିକ ଅସ୍ଥିର ହୋଇଯାଏ, ଯାହା ବ୍ୟବସାୟ ଏବଂ ନିବେଶକୁ ପ୍ରଭାବିତ କରେ । ଏହି ସମସ୍ୟାର ସମାଧାନ ପାଇଁ, ଅନେକ ଦେଶ ବିକଳ୍ପ ଶକ୍ତି ଉତ୍ସ ଉପରେ ଧ୍ୟାନ ଦେଉଛନ୍ତି । ସେମାନେ ସୌରଶକ୍ତି, ପବନ ଶକ୍ତି ଏବଂ ବୈଦ୍ୟୁତିକ ଯାନବାହନ ଭଳି ପ୍ରଯୁକ୍ତିବିଦ୍ୟା ବିକାଶ କରି ତୈଳ ଉପରେ ସେମାନଙ୍କର ନିର୍ଭରଶୀଳତା ହ୍ରାସ କରିବାକୁ ଚେଷ୍ଟା କରୁଛନ୍ତି । ଏହା ଭବିଷ୍ୟତର ତୈଳ ସଙ୍କଟର ପ୍ରଭାବକୁ ହ୍ରାସ କରିପାରିବ । ଅନ୍ୟପକ୍ଷରେ, ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯଦି ଏହି ଅଞ୍ଚଳରେ ଯୁଦ୍ଧ ଏବଂ ସଂଘର୍ଷ ହ୍ରାସ ପାଏ, ତେବେ ବିଶ୍ୱ ତୈଳ ବଜାର ଅଧିକ ସ୍ଥିର ହୋଇପାରେ । ଏହି ଦ୍ୱନ୍ଦ୍ୱଗୁଡ଼ିକୁ ଆନ୍ତର୍ଜାତୀୟ ସହଯୋଗ ଏବଂ କୂଟନୈତିକ ପ୍ରୟାସ ମାଧ୍ୟମରେ ସମାଧାନ କରାଯିବା ଆବଶ୍ୟକ । ଫଳସ୍ୱରୂପ, ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବଂ ତୈଳ ସଙ୍କଟ ବିଶ୍ୱ ଅର୍ଥନୀତି ସହିତ ଗଭୀର ଭାବରେ ଜଡ଼ିତ । ଏହି ଅଞ୍ଚଳରେ ଯେକୌଣସି ଦ୍ୱନ୍ଦ୍ୱ ସିଧାସଳଖ ତୈଳ ଯୋଗାଣ ଏବଂ ମୂଲ୍ୟକୁ ପ୍ରଭାବିତ କରେ । ତେଣୁ, ବିଶ୍ୱ ଶାନ୍ତି, ବିକଳ୍ପ ଶକ୍ତି ବିକାଶ ଏବଂ ତୈଳ ବ୍ୟବହାର ପରିଚାଳନାର ମିଶ୍ରଣ ଏହି ସମସ୍ୟାକୁ ହ୍ରାସ କରିପାରିବ । ଏହା ଏକ ସ୍ଥିର ଏବଂ ସୁସ୍ଥ ବିଶ୍ୱ ଅର୍ଥନୀତି ବଜାୟ ରଖିବା ସମ୍ଭବ କରିବ ।


ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ - ୮୨୪୯୫୦୨୭୭୬

## RRB Group D Recruitment 2026

**TOTAL VACANCIES**
**22195**
**LAST DATE**
**22/03/2026**

The RRB Group D Recruitment 2026 notification has been officially released by the Railway Recruitment Boards (RRBs) on behalf of Railway Recruitment Cells (RRCs) for recruitment to various posts in Level-1 of the 7th CPC Pay Matrix. A total of 22195 vacancies have been announced across different Railway Zones in India. Eligible candidates can apply online as per the schedule mentioned in the notification.

Vacancy Details
As per the RRB Group D Recruitment 2026 notification, vacancies are notified for various Group D posts under Level-1 of the 7th CPC Pay Matrix. Railway-wise and post-wise vacancy details are provided in the official annexures.

| Post Name | No. of Posts | Initial Pay |
|---|---|---|
| Group-D Posts | 22195 | ? 18,000 PM |

Educational Qualification
Candidates applying for RRB Group D Recruitment 2026 must possess the prescribed educational or technical qualification as on the last date of online application.

10th Pass from a recognized Board, OR
ITI from institutions recognized by NCVT / SCVT, OR
National Apprenticeship Certificate (NAC) granted by NCVT.
Candidates awaiting results of the prescribed qualification are not eligible to apply.
Age Limit
The age limit for RRB Group D Recruitment 2026 is calculated as on 01 January 2026.

Minimum Age Limit of the Candidates: 18 years
Maximum Age of the Candidates: 33 years
Age relaxation applicable for SC / ST / OBC-NCL / PwBD / Ex-Servicemen as per rules.
Application Fee
The examination fee for RRB Group D Recruitment 2026 is as follows:
For General / OBC / EWS Candidates: ? 500/- (?400 refundable after appearing in CBT)
For SC / ST / PwBD / Female / Ex-Servicemen / Minorities / EBC Candidates: 250/- (Fully refundable after CBT)
Payment Mode: Online Gateway
How to Apply
Eligible candidates can apply online for RRB Group D Recruitment 2026 by following the steps below.

Click the Apply link given below; or
Visit the official website of the chosen Railway Recruitment Board.
Create an account using valid mobile number and email ID.
Fill in personal, educational and other required details carefully.
Upload scanned photograph, signature and required documents.
Pay the examination fee (if applicable) through online mode.
Submit the application and keep a printout for future reference.
Important Dates
Candidates should note the following important dates related to RRB Group D Recruitment 2026.
Online Application Start Date: 31/01/2026
Last Date to Apply Online: 02/03/2026
Last Date for Fee Payment: 04/03/2026
Modification Window: 05 to 14/03/2026

## ପୁରୁଷଙ୍କ ତୁଳନାରେ ମହିଳାଙ୍କ ବେତନ କମ୍

**୨୦୦୧ ତୁଳନାରେ ଏବେ କର୍ମଜୀବୀ ମହିଳାମାନଙ୍କ ସଂଖ୍ୟା ବହୁତ ଅଧିକ ବଢ଼ିଛି । କିନ୍ତୁ ସେମାନଙ୍କୁ ପୁରୁଷଙ୍କ ତୁଳନାରେ କମ୍ ବେତନ ମିଳୁଛି । ଏହି ସଂସ୍ଥା ଅନୁସାରେ ମହିଳାମାନେ ପୂର୍ବ ଅପେକ୍ଷା ଏବେ ସପ୍ତାହକୁ ୩୫ ମିନିଟ୍ ଅଧିକ କାମ କରୁଛନ୍ତି । ବିଶେଷକରି ଯୁବା ମହିଳାମାନଙ୍କ ସାପ୍ତାହିକ ଶ୍ରମ ଅଧିକ । କିନ୍ତୁ ପାରିଶ୍ରମିକ କମ୍ ।**




ଘରେ ବାହାରେ ସବୁଠାରେ ମହିଳାଙ୍କୁ ଅଧିକ ସୁବିଧା ମିଳୁଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି । ଚର୍ଚ୍ଚାକୁ ଦେଖି ଏମିତି ଲାଗୁଛି ଯେ ସତେ ଯେମିତି ପରିବାରଠାରୁ ଆରମ୍ଭ କରି ରାଜନୈତିକ ଦଳ ଯାଏ ସମସ୍ତେ ମହିଳାଙ୍କ ସୁଖ-ସୁବିଧାକୁ ନେଇ ଖୁବ୍ ଚିନ୍ତିତ । କିନ୍ତୁ ବାସ୍ତବତା ଆଦୌ ତାହା ନୁହେଁ । ବରଂ ସୁବିଧା ପରିବର୍ତ୍ତେ ଦାୟିତ୍ୱ ବଢାଇ ଦିଆଯାଉଛି, ଯାହାଦ୍ୱାରା ସେ କ୍ରମଶଃ ଚାପି ହୋଇଚାଲିଛି ଦାୟିତ୍ୱ ଭାର ତଳେ ।

ମହିଳାଙ୍କ ବ୍ୟବହାରିକ ଜୀବନର ଅନୁଭବ ରଖୁଥିବା ସାମାଜିକ ସଂଗଠନର ଗବେଷଣା ଅନୁସାରେ ମହିଳାଙ୍କୁ ଆବଶ୍ୟକ ସୁବିଧାଠାରୁ ବଞ୍ଚିତ ରଖାଯାଉଛି । ଯେପରିକି ସମାନ କାମ କରିବା ପରେ ମଧ୍ୟ ପୁରୁଷ ସହକର୍ମୀଙ୍କ ତୁଳନାରେ କମ୍ ? ବେତନ ମିଳିଥାଏ । କିନ୍ତୁ କାମର ବୋଝ ଦିନକୁ ଦିନ ବଢିଚାଲିଛି ।

**ବଢ଼ିଚାଲିଛି କାମର ବୋଝ**

ଅବଶ୍ୟ ଏହି ସ୍ଥିତି କେବଳ ଆମ ଦେଶରେ ନୁହେଁ, ବରଂ ସାରା ବିଶ୍ୱରେ ଦେଖିବାକୁ ମିଳୁଛି । ଅବଶ୍ୟ ଏଭଳି ଚିନ୍ତାଧାରା ବିକଶିତ ତଥା ଆଧୁନିକ ଚିନ୍ତାଧାରା ରଖୁଥିବା ଦେଶ ବ୍ରିଟେନ୍ ଓ ଆମେରିକା ତଥା ଅବିକଶିତ ଏବଂ ବିକାଶଶୀଳ ଦେଶରେ ମଧ୍ୟ ସମାନ ସ୍ଥିତି । ବ୍ରିଟେନ୍‌ର ଏକ ସଂସ୍ଥା ରିଜୋଲେଶନ୍ ଫାଉଣ୍ଡେସନ୍‌ର ଗବେଷଣା ଅନୁସାରେ ୨୦୦୧ ତୁଳନାରେ ଏବେ କର୍ମଜୀବୀ ମହିଳାମାନଙ୍କ ସଂଖ୍ୟା ବହୁତ ଅଧିକ ବଢିଛି । କିନ୍ତୁ ସେମାନଙ୍କୁ ପୁରୁଷଙ୍କ ତୁଳନାରେ କମ୍ ବେତନ ମିଳୁଛି । ଏହି ସଂସ୍ଥା ଅନୁସାରେ ମହିଳାମାନେ ପୂର୍ବ ଅପେକ୍ଷା ଏବେ ସପ୍ତାହକୁ ୩୫ ମିନିଟ୍ ଅଧିକ କାମ କରୁଛନ୍ତି । ବିଶେଷକରି ଯୁବା ମହିଳାମାନଙ୍କ ସାପ୍ତାହିକ ଶ୍ରମ ଅଧିକ । କିନ୍ତୁ ପାରିଶ୍ରମିକ କମ୍ ।

ଅକ୍ସଫେମ୍ ଦ୍ୱାରା କରାଯାଇଥିବା ରିର୍ପୋଟ ଅନୁସାରେ ଭାରତର ସହର ଓ ଗ୍ରାମାଞ୍ଚଳରେ ପୁରୁଷମାନେ ଘରୋଇ କାମ ପାଇଁ ନିୟମିତ ପ୍ରତିଶତ ୩୦ ମିନିଟ୍ ସମୟ ଦେଉଥିବା ବେଳେ ମହିଳାମାନେ ପ୍ରାୟ ୫ ଘଣ୍ଟା । ପିଲା ଓ ବୟସ୍କଙ୍କ ଦେଖାରଖା ଏବଂ ଘରୋଇ କାମ ପରେ ମହିଳାମାନଙ୍କ ପାଖରେ ସମୟ ନଥାଏ । ତେଣୁ ସେମାନେ ନିଜର ବ୍ୟକ୍ତିତ୍ୱ ଓ କାର୍ଯ୍ୟଶୈଳୀରେ ଉନ୍ନତୀ ଆଣିବାକୁ ସମୟ ବାହାର କରିପାରି ନଥାନ୍ତି । ଫଳରେ ସେମାନେ ନିଜକୁ ଆର୍ଥିକ ଭାବେ ସମୃଦ୍ଧ କରିବା ପରିବର୍ତ୍ତେ ପୁରୁଷଙ୍କ ଉପରେ ନିର୍ଭରଶୀଳ ରହିଥାନ୍ତି ।

**ନିଜକୁ ସାବ୍ୟସ୍ତ କରିବାକୁ ଚାହାନ୍ତି**

ଘର ହେଉ ଅବା ଅଫିସ୍ ନିଜକୁ ସକ୍ଷମ ଓ ସକ୍ରିୟ ସାବ୍ୟସ୍ତ କରିବାକୁ ମହିଳାମାନେ ଅଧିକ କାମ କରିଥାନ୍ତି । ସେମାନେ ଭାବିଥାନ୍ତି ଯେ ଏପରି କରିବା ଦ୍ୱାରା ନିଜର ପ୍ରତିଷ୍ଠା ବଢାଇବା ସହ ଅତିରିକ୍ତ ଆମଦାନୀ ହୋଇପାରିବ, ଯାହାଦ୍ୱାରା ପତି, ପିଲାମାନେ ଏବଂ ଘରର ଅନ୍ୟ ସଦସ୍ୟଙ୍କ ଉପରେ ଭଲ ପ୍ରଭାବ ପଡିଥାଏ । କିନ୍ତୁ ଏହାଦ୍ୱାରା ମହିଳାଙ୍କର ବିଶେଷ କିଛି ଲାଭ ହୋଇ ନଥାଏ ।

**ବଢୁଛି ଆର୍ଥିକ ଅସମାନତା**

ୱାର୍ଲ୍ଡ ଇକୋନୋମିକ୍ ଫୋରମ୍‌ର ରିପୋର୍ଟ ଅନୁସାରେ ଭାରତର ମହିଳା ଓ ପୁରୁଷଙ୍କ ଆର୍ଥିକ ଅସମାନତା ସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି । ଏହି ମାମଲାରେ ଭାରତର ସ୍ଥାନ ୧୧୨ରେ ରହିଛି । ରିର୍ପୋଟ ଅନୁସାରେ ଲିଙ୍ଗଗତ ଅସମାନତା ଦୃଷ୍ଟିରୁ ସର୍ବାଗ୍ରେ ରହିଛି ଆଇସ୍‌ଲ୍ୟାଣ୍ଡ ।

**ମାତୃତ୍ୱକାଳୀନ ଛୁଟି**

କର୍ମଜୀବୀ ମହିଳାମାନଙ୍କୁ ୨୬ ସପ୍ତାହର ମାତୃତ୍ୱକାଳୀନ ଛୁଟି ଦେଉଛନ୍ତି କେନ୍ଦ୍ର ସରକାର । ଏହି ଛୁଟି ବୈତନିକ । ଏବେ ବିଭିନ୍ନ ଷ୍ଟାର୍ଟଅପ୍ କମ୍ପାନୀ ଓ ଛୋଟ ଛୋଟ କମ୍ପାନୀ ମଧ୍ୟ ଏହି ଛୁଟି ଦେଲେଣି । ନୂଆ ଆଇନ ପରେ ୫୩ ପ୍ରତିଶତ କମ୍ପାନୀ ମାତୃତ୍ୱ ଲାଭ ଛୁଟି ଦେବାରୁ ବଞ୍ଚିବା ରହିବା ପାଇଁ ମହିଳାଙ୍କ ଅପେକ୍ଷା ପୁରୁଷଙ୍କୁ ଚାକିରିରେ ରଖିବାକୁ ବେଶି ପସନ୍ଦ କରୁଛନ୍ତି । କମ୍ ? ବଜେଟ୍ ?ରେ ଚାଲୁଥିବା ଷ୍ଟାର୍ଟଅପ୍‌ଗୁଡିକ ପାଇଁ ୨୬ ସପ୍ତାହ ସବୈତନିକ ଛୁଟି ଏକ ପ୍ରକାରର ଆର୍ଥିକ ବୋଝ ହୋଇପଡିଲାଣି । କେବଳ ସେତିକି ନୁହେଁ ଗର୍ଭପାତ ସମୟରେ ମଧ୍ୟ ମହିଳାମାନଙ୍କୁ ମାନସିକ ଓ ଶାରିରୀକ ପୀଡା ହୋଇଥାଏ । କିନ୍ତୁ ମହିଳାମାନେ ଲୋକଲଜ୍ଜା କାରଣରୁ ଏହି ସୁବିଧା ନେଇ ନଥାନ୍ତି ।

**ଘରୋଇ ହିଂସା**

ଅକ୍ସଫେମ୍ ଦ୍ୱାରା କରାଯାଇଥିବା ଏକ ସର୍ଭେରେ କୁହାଯାଇଛି ସ୍ୱାମୀଙ୍କ ଦ୍ୱାରା ମାଡ଼ ଖାଇବା ଓ ଘରୋଇ ହିଂସା ଭାରତରେ ଖୁବ୍ ସାଧାରଣ କଥା । ଉତ୍ତର ଭାରତର କିଛି ରାଜ୍ୟରେ କରାଯାଇଥିବା ଏକ ସର୍ଭେରେ ୧୧୦୭ଟି ଘରକୁ ସାମିଲ୍ କରାଯାଇଥିଲା । ସେଥିରୁ ଜଣାପଡିଥିଲା ଯେ ପୁରୁଷଙ୍କ କଥା ନ ମାନିବା ଦ୍ୱାରା ୨୪.୩ ପ୍ରତିଶତ ମହିଳାଙ୍କୁ ମାଡ଼ ଖାଇବାକୁ ପଡିଥାଏ । ସେହିପରି ୪୨.୬ ପ୍ରତିଶତଙ୍କୁ ଗାଳିଗୁଲଜ ଶୁଣିବାକୁ ପଡିଥାଏ । ସ୍ୱାମୀଙ୍କ ବିନା ପରାମର୍ଶରେ ଟଙ୍କା ଖର୍ଚ୍ଚ କରିବା ଦ୍ୱାରା ୪୨ ପ୍ରତିଶତ ମହିଳାଙ୍କୁ କ୍ରୋଧର ଶିକାର ହେବାକୁ ପଡିଥାଏ । ପିଲାଙ୍କର ଠିକ୍ ଭାବେ ଦେଖାଶୁଣା ନ କରିବା ଦ୍ୱାରା ୩୩ ପ୍ରତିଶତ ମହିଳା ମାଡ଼ ଖାଇଥାନ୍ତି । ଏପରିକି ୬୦.୬ ପ୍ରତିଶତ ମହିଳାଙ୍କୁ ବିଭିନ୍ନ କାରଣ ପାଇଁ ଗାଳି ଶୁଣିବାକୁ ପଡିଥାଏ ।

## Bank of Baroda Recruitment 2026

**TOTAL VACANCIES**
**419**

The Bank of Baroda Recruitment 2026 notification has been officially released for recruitment in the MSME Banking Department on both Regular and Contractual basis. A total of 419 vacancies have been announced. Candidates willing to serve anywhere in India can apply online within the prescribed dates.

Vacancy Details
Under Bank of Baroda Recruitment 2026, vacancies are distributed in MSME Banking Department on Contractual (253 Posts) and Regular (166 Posts) basis.

| Post Name | No. of Posts | Pay Scale |
|---|---|---|
| Assistant Vice President – MSME Relationship (Contract) | 14 | Remuneration based on qualification, experience & market benchmark |
| Deputy Manager – MSME Relationship (Contract) | 62 | Remuneration based on qualification, experience & market benchmark |
| Assistant Manager – MSME Sales (Contract) | 177 | Remuneration based on qualification, experience & market benchmark |
| Senior Manager – MSME Relationship (MMG/S-III) | 113 | ? 85,920 – ? 1,05,280 PM |
| Senior Manager – Credit Analyst (MMG/S-III) | 19 | ? 85,920 – ? 1,05,280 PM |
| Manager – Credit Analyst (MMG/S-II) | 34 | ? 64,820 – ? 93,960 PM |

Educational Qualification
Candidates applying for Bank of Baroda Recruitment 2026 must fulfill the educational qualifications and post-qualification experience as on 01/02/2026.
All Posts: Graduation in any discipline from a recognized University.
Preferred (Relationship / Analyst Posts): Full Time MBA / PGDM (Finance / Marketing / Sales / Banking) or CA / CFA / CMA (as specified for respective post).
Experience: 2 to 8 years relevant experience in Asset Sales / MSME Credit Processing / Credit Analysis with Bank / NBFC / Financial Institutions as per post requirement.
Educational qualifications must be from Government recognized institutions.
Candidates must also have relevant post-qualification work experience as mentioned in the official notification.
Age Limit
The age criteria for Bank of Baroda Recruitment 2026 vary according to the post as on 01/02/2026.
Assistant Manager (Contract): 22 – 32 years
Deputy Manager (Contract): 24 – 34 years
Assistant Vice President (Contract): 26 – 36 years
Manager (MMG/S-II): 25 – 34 years
Senior Manager (MMG/S-III): 29 – 40 years (as per post)
Age relaxation applicable for SC / ST / OBC / PWD / Ex-Servicemen as per Government rules.
Application Fee
The application fee for Bank of Baroda Recruitment 2026 must be paid online.
General / EWS / OBC: ? 850 (Inclusive of GST) + Payment Gateway Charges
SC / ST / PWD / ESM / DESM / Women: ? 175 (Inclusive of GST) + Payment Gateway Charges
Fee is non-refundable.
How to Apply
Applicants interested in the Bank of Baroda Recruitment 2026 must apply online through the official BOB portal.
Click the Apply link given below; or
Visit the official website: www.bankofbaroda.bank.in
Navigate to "Careers > Current Opportunities".
Select the relevant post and click on "Apply Now".
Complete registration with a valid email ID and mobile number.
Fill the online form and upload required documents (Photo, Signature, ID Proof, Certificates, CV, etc.).
Pay the application fee and submit the final form.
Download the confirmation page for future reference.
Important Dates
Candidates applying for Bank of Baroda Recruitment 2026 must keep track of the following deadlines.

## BSNL Senior Executive Trainee Recruitment 2026

**TOTAL VACANCIES**
**120**
**LAST DATE**
**17/03/2026**

The BSNL Senior Executive Trainee Recruitment 2026 notification has been officially released by Bharat Sanchar Nigam Limited (BSNL) for direct recruitment of Senior Executive Trainee (SET) in Telecom and Finance streams. A total of 120 vacancies have been announced for external candidates. Eligible applicants can apply online through the official BSNL recruitment portal.

Vacancy Details
As per the BSNL Senior Executive Trainee Recruitment 2026 notification, vacancies are distributed across Telecom and Finance streams.

| Post Name | No. of Posts | Initial Pay |
|---|---|---|
| Senior Executive Trainee (Telecom) | 95 | ? 24,900 to ? 50,500 PM |
| Senior Executive Trainee (Finance) | 25 | ? 24,900 to ? 50,500 PM |

Educational Qualification
Candidates applying for BSNL Senior Executive Trainee Recruitment 2026 must fulfill the following stream-wise educational qualifications.
Telecom Stream: Bachelor of Engineering / Bachelor of Technology or equivalent in Electronics, Telecommunications, Computer Science, Information Technology, Electrical or Instrumentation Engineering with minimum 60% marks on a regular full-time basis.
Finance Stream: Must be a Chartered Accountant (CA) or Cost & Management Accountant (CMA).
The candidate must have completed the required qualification on or before the closing date of application.
Age Limit
The age limit for BSNL Senior Executive Trainee Recruitment 2026 is calculated as on the closing date of application.
Minimum Age Limit of the Candidates: 21 years
Maximum Age Limit of the Candidates: 30 years
Age relaxation applicable for OBC / SC / ST / PwBD categories as per Government norms.
Application Fee
The application fee for BSNL Senior Executive Trainee Recruitment 2026 is payable online only.
For General / OBC / EWS Candidates: ? 250/-
For SC / ST / PwBD Candidates: ? 125/-
Fee once paid is non-refundable.
Payment Mode: Online Gateway
How to Apply
Eligible candidates can apply online for BSNL Senior Executive Trainee Recruitment 2026 by following the steps below.
Click the Apply link given below; or
Visit the official BSNL recruitment website.
Complete online registration with valid email ID and mobile number.
Fill in personal, educational and other required details carefully.
Upload photograph, signature and necessary documents.
Pay the application fee through online mode.
Submit the application and keep a printout for future reference.
Important Dates
Candidates should note the important schedule related to BSNL Senior Executive Trainee Recruitment 2026.
Online Application Start Date: 05/02/2026
Last Date to Apply Online: 07/03/2026
Application Editing Window: 08 to 15/03/2026
Computer-Based Test (CBT): 29/03/2026 (Tentative)

# ବିଶ୍ୱ ବକ୍ସିଂ ଫ୍ୟୁଚର୍ସ କପ୍‌ରେ ଭାରତର ୫ ପଦକ ପକ୍କା



**ବ୍ୟାଙ୍କକ୍, ୧୩।୩:** ଭାରତୀୟ ଯୁବ ବକ୍ସିଂ ଦଳ ଏଠାରେ ଚାଲିଥିବା ବିଶ୍ୱ ବକ୍ସିଂ ଫ୍ୟୁଚର୍ସ କପ୍‌ରେ ଚମତ୍କାର ପ୍ରଦର୍ଶନ କରି ୫ ପଦକ ନିଶ୍ଚିତ କରିଛି । ଶୁକ୍ରବାର ଗୁଞ୍ଜନ, ଜୟଶ୍ରୀ ଦେବୀ, ଆମ୍ବେକର ମିତେଇ, ଚନ୍ଦ୍ରିକା ପୂଜାରୀ, ରାଧାମଣି ଲଙ୍ଗଜାମ ନିଜନିଜ କ୍ୱାର୍ଟରଫାଇନାଲ୍ ବାଉଟ୍ ଜିତି ସେମିଫାଇନାଲ୍‌ରେ ପହଞ୍ଚି ଅତି କମ୍‌ରେ କାଂସ୍ୟ ପଦକ ନିଶ୍ଚିତ କରିଛନ୍ତି । ଶୁକ୍ରବାର ସକାଳ ଅଧିବେଶନରେ ମହିଳା ୪୮ କିଲୋଗ୍ରାମ୍ ବର୍ଗରେ ଗୁଞ୍ଜନ ୫-୦ରେ ଆଜରବାଇଜାନର ଗୁଲାର ହୁସିନୋଭାଙ୍କୁ ପରାସ୍ତ କରିଥିଲେ । ୫୪ କିଲୋଗ୍ରାମ୍ ବର୍ଗରେ ଜୟଶ୍ରୀ ପ୍ରଥମ ରାଉଣ୍ଡରେ ରେଫରି ଷ୍ଟପ୍‌ଡ କଣ୍ଟେଷ୍ଟ୍ ? (ଆର୍‌ଏସ୍‌ସି)ରେ ଜାପାନର ୟୁରା କାନେମାରୁ ହରାଇ ଆଗକୁ ବଢ଼ିଥିଲେ । ପୁରୁଷ ୫୦ କିଲୋଗ୍ରାମ୍‌ରେ ଆମ୍ବେକର ୪-୧ରେ ଜାପାନର ଆକିରା ଉଇକୁବାଙ୍କୁ ମାତ୍ ଦେଇଥିଲେ । ସଂଧ୍ୟା ଅଧିବେଶନରେ ମହିଳା ୫୧ କିଲୋଗ୍ରାମ ବର୍ଗରେ ଚନ୍ଦ୍ରିକା ଦ୍ୱିତୀୟ ରାଉଣ୍ଡ ଲଢ଼େଇରେ ସ୍ପେନ୍‌ର ଆନ୍ଦ୍ରିଆ ବୁଏଲ୍‌ଗା ଗାର୍ସିଆଙ୍କୁ ଧରାଶାୟୀ କରିଦେଇଥିଲେ । ଫଳରେ ମ୍ୟାଚ୍‌କୁ ସେହିଠାରେ ରେଫରି ବନ୍ଦ କରି ଚନ୍ଦ୍ରିକାଙ୍କୁ ବିଜୟୀ ଘୋଷିତ କରିଥିଲେ । ୫୭ କିଲୋଗ୍ରାମ୍‌ରେ ରାଧାମଣି ୪-୧ରେ ଇଂଲଣ୍ଡର ସିଓଭାନ ହାଲେଙ୍କୁ ମାତ୍ ଦେଇଥିଲେ । ତେବେ ପୁରୁଷ ୬୦ କିଲୋଗ୍ରାମ୍‌ରେ ସାହିଲ ଦୁହାନ ୧-୪ରେ ଫ୍ରାନ୍ସର ଡେଭିଡ ହାରୁତ୍ୟୁନ୍ୟାନଙ୍କଠୁ ହାରି ବିଦାୟ ନେବା ସହ ପଦକରୁ ବଞ୍ଚିତ ହୋଇଛନ୍ତି ।

## କ୍ରିକ୍ ଇନ୍‌ଫୋ ବାର୍ଷିକ ପୁରସ୍କାର

# ମହିଳାରେ ପୁରସ୍କାର ପୋଛି ନେଲେ ଭାରତୀୟ

*ମହିଳା ବର୍ଗରେ ଜେମିମା ରୋଡ୍ରିଗ୍ସ ଶ୍ରେଷ୍ଠ ଦିନିକିଆ ବ୍ୟାଟର ଓ ଦୀପ୍ତି ଶର୍ମା ଶ୍ରେଷ୍ଠ ଦିନିକିଆ ବୋଲର ବିବେଚିତ ହୋଇଛନ୍ତି । ଗତ ଦିନିକିଆ ବିଶ୍ୱକପ୍‌ରେ ଜେମିମା ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚରେ ଅପରାଜିତ ୧୨୭ ରନର ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ ।*

**ନୂଆଦିଲ୍ଲୀ, ୧୩।୩:** ଇଏସପିଏନ-କ୍ରିକଇନଫୋ ପକ୍ଷରୁ ୨୦୨୫ ବର୍ଷର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଁ ତାଲିକା ପ୍ରକାଶ ପାଇଛି । ମହିଳା ବର୍ଗରେ ଭାରତୀୟ ଖେଳାଳିମାନେ ସବୁ ପୁରସ୍କାର ପୋଛି ନେଇଛନ୍ତି । ପୁରୁଷ ବର୍ଗରେ ବରୁଣ ଚକ୍ରବର୍ତ୍ତୀ ଓ କୁଲଦୀପ ଯାଦବ ଯଥାକ୍ରମେ ଦିନିକିଆ ଓ ଟି-ଟ୍ୱେଣ୍ଟିର ଶ୍ରେଷ୍ଠ ବୋଲର ବିବେଚିତ ହୋଇଛନ୍ତି । ଦକ୍ଷିଣ ଆଫ୍ରିକାକୁ ବିଶ୍ୱ ଟେଷ୍ଟ




ଚାମ୍ପିଅନସିପ୍ ଚାମ୍ପିଅନ କରାଇଥିବା ତେମ୍ବା ବଭୁମା ଶ୍ରେଷ୍ଠ ଅଧିନାୟକ ଓ ଭାରତକୁ ପ୍ରଥମ କରି ଦିନିକିଆ ବିଶ୍ୱକପ୍ ଚାମ୍ପିଅନ କରାଇଥିବା ହର୍ମନପ୍ରୀତ କୌର ଶ୍ରେଷ୍ଠ ଅଧିନାୟିକା ବିବେଚିତ ହୋଇଛନ୍ତି । ମହିଳା ବର୍ଗରେ ଜେମିମା ରୋଡ୍ରିଗ୍ସ ଶ୍ରେଷ୍ଠ ଦିନିକିଆ ବ୍ୟାଟର ଓ ଦୀପ୍ତି ଶର୍ମା ଶ୍ରେଷ୍ଠ ଦିନିକିଆ ବୋଲର ବିବେଚିତ ହୋଇଛନ୍ତି । ଗତ ଦିନିକିଆ ବିଶ୍ୱକପ୍‌ରେ ଜେମିମା ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚରେ ଅପରାଜିତ ୧୨୭ ରନର ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ । ଏହି ଇନିଂସ ପାଇଁ ସେ ଶ୍ରେଷ୍ଠ ବ୍ୟାଟର ବିବେଚିତ ହୋଇଛନ୍ତି । ସେହିପରି ଦକ୍ଷିଣ ଆଫ୍ରିକା ବିପକ୍ଷ ଫାଇନାଲ୍‌ରେ ଦୀପ୍ତିଙ୍କ ୫ ୱିକେଟ୍ ନେଇଥିଲେ । ଇଂଲଣ୍ଡ ବିପକ୍ଷରେ ୧୧୨ ରନର ଇନିଂସ ପାଇଁ ସ୍ମୃତି ମନ୍ଧନା ଶ୍ରେଷ୍ଠ ଟି-ଟ୍ୱେଣ୍ଟି ବ୍ୟାଟର ଓ ୪ ୱିକେଟ୍ ସଫଳତା ପାଇଁ ଶ୍ରୀ ଚରଣୀ ଶ୍ରେଷ୍ଠ ଟି-ଟ୍ୱେଣ୍ଟି ବୋଲର ମନୋନୀତ ହୋଇଛନ୍ତି ।

# ଆଇପିଏଲ୍‌ରୁ ବାଦ୍ ପଡ଼ିଲେ ହର୍ଷିତ

**କୋଲକାତା, ୧୩।୩:** ଆସନ୍ତା ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍) ୨୦୨୬ ସଂସ୍କରଣ ପୂର୍ବରୁ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) କୁ ଏକ ଶକ୍ତ ଝଟକା ଲାଗିଛି । ଦଳର ଷ୍ଟାର୍ ଅଲରାଉଣ୍ଡର

## କେକେଆର୍‌କୁ ବଡ଼ ଝଟକା

## ବଦଳ ଖେଳାଳି ଖୋଜୁଛି ଦଳ

ଆହତ ସମସ୍ୟା କାରଣରୁ ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି ।

ଟି-୨୦ ବିଶ୍ୱକପ୍ ପୂର୍ବରୁ ଖେଳାଯାଇଥିବା ଏକ ୱାର୍ମ-ଅପ୍ ମ୍ୟାଚ୍ ବେଳେ ରାଣା ଆହତ ହୋଇଥିଲେ । ସେବେଠାରୁ ସେ କ୍ରିକେଟ୍ ପଡ଼ିଆରୁ ଦୂରରେ



ଅଛନ୍ତି । ମିଳିଥିବା ରିପୋର୍ଟ ଅନୁଯାୟୀ, କେକେଆର୍ ଏପର୍ଯ୍ୟନ୍ତ ଏହି ଅଲରାଉଣ୍ଡରଙ୍କ ବଦଳ ଖେଳାଳି କିଏ ହେବେ, ସେନେଇ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନେଇପାରିନାହିଁ ଏବଂ ଖୋଜାଖୋଜି ଜାରି ରଖିଛି ।

ଅନ୍ୟପଟେ, ଶୁକ୍ରବାର ଦିନ କେକେଆର୍ ଜିମ୍ବାୱେର ଦ୍ରୁତ ବୋଲର ବ୍ଲେସିଂ ମୁଜାରବାନିଙ୍କୁ ନିଜ ଦଳରେ ସାମିଲ କରିଥିବା ଘୋଷଣା କରିଛି । ୬ ଫୁଟ୍ ୮ ଇଞ୍ଚ ଉଚ୍ଚତା ବିଶିଷ୍ଟ ଏହି ଡାହାଣହାତୀ ପେସର୍ ସର୍ଟର୍ ଫର୍ମାଟରେ ଜିମ୍ବାୱେର ଜଣେ ପ୍ରମୁଖ ବୋଲର ଭାବେ ଉଭା ହୋଇଛନ୍ତି । ନିଜର ଉଚ୍ଚତା ଯୋଗୁଁ ପିଚ୍ ରୁ ଅଧିକ ବାଉନ୍ସ ସହ ଇନିଂସର ଗୁରୁତ୍ୱପୂର୍ଣ୍ଣ ସମୟରେ ୱିକେଟ୍ ନେବାରେ ସେ ବେଶ୍ ମାହିର ।

ଟି-୨୦ କ୍ରିକେଟରେ ମୁଜାରବାନିଙ୍କ ପାଖରେ ବେଶ୍ ଭଲ ଅଭିଜ୍ଞତା ରହିଛି । ସେ ୮୦ରୁ ଅଧିକ ଆନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଖେଳି ପ୍ରାୟ ୨୧ ହାରରେ ୯୦ରୁ ଅଧିକ ୱିକେଟ୍ ଅକ୍ତିଆର କରିଛନ୍ତି । ଏହି ଫର୍ମାଟରେ ତାଙ୍କର ଶ୍ରେଷ୍ଠ ବୋଲିଂ ଫିଗର୍ ହେଉଛି ୮ ରନ୍ ଦେଇ ୩ ୱିକେଟ୍ ।

ଆସନ୍ତା ୨୦୨୬ ଆଇପିଏଲ୍ ଅଭିଯାନ ପାଇଁ ପ୍ରସ୍ତୁତି ଆରମ୍ଭ କରିବା ଉଦ୍ଦେଶ୍ୟରେ ମୁଜାରବାନି ମାର୍ଚ୍ଚ ୧୭ ତାରିଖରେ କୋଲକାତାରେ ପହଞ୍ଚି କେକେଆର୍ ସ୍କ୍ୱାଡ୍ ସହ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ଅବରାରଙ୍କୁ କାବ୍ୟା କିଣିବା ପ୍ରସଙ୍ଗ

# ପ୍ରଥମ ପ୍ରତିକ୍ରିୟା ରଖିଲା ବିସିସିଆଇ

**ନୂଆଦିଲ୍ଲୀ, ୧୩।୩ :** ଇଂଲଣ୍ଡରେ ଖେଳାଯାଉଥିବା ଦି ହଣ୍ଡ୍ରେଡ୍ ପାଇଁ ସନରାଇଜର୍ସ ଲିଡ୍ସରେ ପାକିସ୍ତାନୀ କ୍ରିକେଟର ଅବରାର ଅହମ୍ମଦଙ୍କୁ ଦଳରେ ସାମିଲ କରିଥିଲେ କାବ୍ୟା । ସନରାଇଜର୍ସ ହାଇଦ୍ରାବାଦର ମାଲିକାଣୀଙ୍କ ଏଭଳି ନିଷ୍ପତ୍ତିକୁ ନେଇ ଦେଶରେ ବିରୋଧ କରାଯାଉଛି । ଏପରିକି ହାଇଦ୍ରାବାଦ ସମର୍ଥନ ନଜାଇବାକୁ ମଧ ଫ୍ୟାନ୍ସମାନେ ଦାବି କରିଛନ୍ତି । ସୋସିଆଲ ମିଡିଆରେ ବିଭିନ୍ନ ପୋଷ୍ଟର କରି



ଟ୍ରୋଲ୍ ମଧ କରାଯାଉଛି । ତେବେ ଏହାକୁ ନେଇ ନିଜର ପ୍ରତିକ୍ରିୟା ରଖିଛି ବିସିସିଆଇ । ବିସିସିଆଇ ଉପାଧକ୍ଷ ରାଜୀବ ଶୁକ୍ଲା ପ୍ରଥମ ପ୍ରତିକ୍ରିୟା ରଖିଛନ୍ତି ।

ରାଜୀବ ଶୁକ୍ଲା କହିଛନ୍ତି କି, ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ ଏହି ମାମଲାରୁ ନିଜକୁ ସମ୍ପୂର୍ଣ୍ଣ ଦୂରେଇ ରଖିଛି, ଏହା ବୋର୍ଡର କ୍ଷେତ୍ରାଧିକାର ବାହାରେ । ବିସିସିଆଇ ଉପାଧକ୍ଷ ରାଜୀବ ଶୁକ୍ଲା ଏହା ଉପରେ କହିଛନ୍ତି, 'ଆମର ଓଟଖରେ ଏପରି କିଛି ନାହିଁ; ଏହା ଆମ କ୍ଷେତ୍ରାଧିକାର ବାହାରେ । କେଉଁ ଲିଗରେ କିଏ କ'ଣ କରୁଛି, କେଉଁ ଖେଳାଳିଙ୍କୁ ନିଆଯାଇଛି ତାହା ସହିତ ଆମର କୌଣସି ଚିନ୍ତା ନାହିଁ । ଆମେ ଏଥିରେ କିପରି ହସ୍ତକ୍ଷେପ କରିପାରିବୁ ? ଯଦି କୌଣସି ଦଳ ଗୋଟିଏ ଲିଗରେ କିମ୍ବା ବାହାରୁ ଖେଳାଳିଙ୍କୁ କିଣୁଛି, ତେବେ ଏହା ଆମ ପାଇଁ ଆଦୌ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଆଇପିଏଲ୍‌ରେ ଏପରି କୌଣସି ଖେଳାଳି ନାହାନ୍ତି ।'

ସେପଟେ ଏହି ଲିଗରେ ମୁମ୍ବାଇ, ଲକ୍ଷ୍ନୌ, ଏବଂ ଦିଲ୍ଲୀର ମଧ ଟିମ୍ ରହିଛି । କିନ୍ତୁ ଟିମମାନେ କୌଣସି ପାକିସ୍ତାନୀ ଖେଳାଳିଙ୍କୁ ବିଡ୍ କରିନାହାନ୍ତି । କୋଚ ଭିଟୋରୀଙ୍କ କଥାରେ କାବ୍ୟା ଅବରାରଙ୍କୁ ଦଳରେ ସାମିଲ କରିଥିବାବେଳେ ଆଗକୁ ଆଇପିଏଲ ଆସୁଥିବାବେଳେ ଏସଆରଏଚ ପାଇଁ ମଧ ଏହା ମହଙ୍ଗା ସାବ୍ୟସ୍ତ ହୋଇପାରେ ବୋଲି କ୍ରୀଡ଼ା ସମୀକ୍ଷକମାନେ ମତ ପ୍ରକାଶ କରୁଛନ୍ତି । ଫ୍ୟାନ୍ସଙ୍କ ସମର୍ଥନ ତାଙ୍କ ଦଳକୁ ମିଳିନପାରେ ବୋଲି ମଧ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର ଧରିଛି ।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ଜୟପୁର, ୧୩।୩:** ସୋନୁଗୁଡାରେ ଆୟୋଜିତ ମା କଳାଧରୁଣି କ୍ରିକେଟ ଟୁର୍ଣ୍ଣାମେଂଟ ର ଫାଇନାଲ ମ୍ୟାଚ୍ ସଫଳତାର ସହିତ ସମାପ୍ତ ହୋଇଛି । ଫାଇନାଲ ମ୍ୟାଚ୍ ରେ ଡେଙ୍ଗାଗୁଡା ଓ କୁଜା ଜନିଗୁଡା ଦଳ ମୁହାଁମୁହିଁ ହୋଇଥିଲେ । ଏହି ରୋମାଂଚକର ମ୍ୟାଚ୍ ରେ କୁଜା ଜନୀ ଗୁଡା ଦଳ ବିଜୟୀ ହୋଇଥିଲା । "ଏହି ଟୁର୍ଣ୍ଣାମେଂଟ ସୋନୁଗୁଡା ଗ୍ରାମରେ ଦୀର୍ଘ ସାତ ଦିନ ଧରି ଆୟୋଜିତ ହୋଇଥିଲା ଓ ମୋଟ ଆଠଟି ଦଳ ଏଥିରେ ଭାଗ ନେଇଥିଲେ । ଏହି ଟୁର୍ନାମେଣ୍ଟର ଧାରା ବିବରଣି ଦୁକୁଗୁଡ଼ାର ଉଦିତ ହିଆଲ କରିଥିଲେ । ଗ୍ରାମାଂଚଳରେ ଦିନକୁ ଦିନ ଛୋଟ ପିଲାମାନେ ଖେଳ ଛାଡ଼ି ମୋବାଇଲରେ ଅଧିକ ସମୟ ବ୍ୟତୀତ କରୁଥିବାକୁ ଦୃଷ୍ଟିରେ ରଖି, ସେମାନଙ୍କୁ ମୋବାଇଲରୁ ଦୂରେଇ ଖେଳ ପ୍ରତି ଆକର୍ଷିତ କରିବା ପାଇଁ ଏହା ଗୋଟିଏ ଛୋଟ ପ୍ରୟାସ ବୋଲି ମା କଳାଧରୁଣି କ୍ଲବର ସଭାପତି ତ୍ରିଲୋଚନ ନାୟକ କହିଛନ୍ତି । "ଏହି ସମସ୍ତ କାର୍ଯ୍ୟକ୍ରମକୁ ଯଶବନ୍ତ ନାୟକ ସହିତ ସୁନାଧର ଗୌଡ଼ ,ନୀଳକଣ୍ଠ ଗୌଡ଼, ସାହେବ ହରିଜନ ତିର୍ତ ବାସ ନାୟକ, ମାଧବ ଗୌଡ଼ ସୁଚାରୁ ଭାବରେ ପରିଚାଳନା କରିଥିଲେ । "ଶେଷ ଦିନର ଫାଇନାଲ ମ୍ୟାଚ୍ ରେ ହସତେରୁଆ ଗ୍ରୁପ୍ର ପ୍ରତିଷ୍ଠାତା ରାମନାଥ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଟୁର୍ଣ୍ଣାମେଂଟ ଦ୍ୱାରା ଗ୍ରାମର ଯୁବମାନଙ୍କ ମଧରେ ଖେଳ ପ୍ରତି ନୂତନ ଉତ୍ସାହ ଦେଖାଯାଇଥିଲା ।

## ବିରାଟ ଓ ରୋହିତଙ୍କ ଲୋକପ୍ରିୟତା

# ଭାରତ ସହ ଅଧିକ ଦିନିକିଆ ଶୃଙ୍ଖଳା ପାଇଁ ବିଦେଶୀ ବୋର୍ଡର ଅନୁରୋଧ

**ମୁମ୍ବାଇ, ୧୩।୩:** ଭାରତୀୟ କ୍ରିକେଟ୍‌ର ଦୁଇ ବଡ଼ ତାରକା ବିରାଟ କୋହଲି ଓ ରୋହିତ ଶର୍ମା ଟେଷ୍ଟ ଓ ଟ୍ୱେଣ୍ଟି-୨୦ ଫର୍ମାଟ୍‌ରୁ ଅବସର ନେଇସାରିଥିଲେ ବି ସେମାନଙ୍କର ଲୋକପ୍ରିୟତା ଟିକିଏ ବି ଊଣା ହୋଇନାହିଁ । ସେମାନଙ୍କ ଲୋକପ୍ରିୟତା ଏପରି ଯେ ଗତବର୍ଷ ଯେତେବେଳେ ସେମାନେ ବିଜୟ ହଜାରେ ଟ୍ରଫି ଖେଳିଲେ

## ଟେଷ୍ଟ ଓ ଟି-୨୦ରୁ ଅବସର ପରେ ମଧ କମିନି କ୍ରେଜ୍

କ୍ରିକେଟ୍‌ପ୍ରେମୀଙ୍କ ମଧରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା । ଏବେ ଦୁଇ ଭାରତୀୟ ତାରକାଙ୍କ ଏହି ଲୋକପ୍ରିୟତାର ସୁଯୋଗ ନେବାକୁ ଉଦ୍ୟମ କରୁଛନ୍ତି ବିଭିନ୍ନ ବିଦେଶୀ କ୍ରିକେଟ୍ ବୋର୍ଡ । ଭାରତ ସହ ଅଧିକରୁ ଅଧିକ ଦିନିକିଆ ଶୃଙ୍ଖଳା ଖେଳିବାକୁ ସେମାନେ ବିସିସିଆଇକୁ ଅନୁରୋଧ କରିଛନ୍ତି, ଯେପରିକି ବିଦେଶରେ ବି ପ୍ରଶଂସକମାନେ 'ରୋକୋ'ଙ୍କ ଖେଳ ଦେଖିପାରିବେ ଓ ସେମାନଙ୍କ ଆୟ ବଢିପାରିବ । ସେପଟେ ଆସନ୍ତା ବର୍ଷ ଦିନିକିଆ ବିଶ୍ୱକପ୍ ଥିବାରୁ ବିସିସିଆଇ ମଧ ଅଧିକରୁ ଅଧିକ ଦିନିକିଆ ଖେଳି ଭାରତୀୟ ଦଳକୁ ଅଧିକ ଅଭିଜ୍ଞତା ପ୍ରଦାନ କରିବାକୁ ଚାହୁଁଛି । ପୁଣି ଟ୍ୱେଣ୍ଟି-୨୦ରେ ସଫଳତା ସତ୍ତ୍ୱେ ଦିନିକିଆରେ ପ୍ରଦର୍ଶନ ସେତେଟା



ସନ୍ତୋଷଜନକ ନାହିଁ । କାରଣରୁ ଆଇପିଏଲ୍ ପରେ ଭାରତୀୟ ଦଳ ପାଇଁ ଏକ ବ୍ୟସ୍ତବହୁଳ କ୍ରିକେଟ୍ ଋତୁ ଅପେକ୍ଷା କରିଛି, ଯେଉଁଥିରେ ଅଧିକ ସଂଖ୍ୟକ ଦିନିକିଆ ମ୍ୟାଚ୍ ରଖିବାକୁ ଯୋଜନା ଚାଲିଛି ।

ଆଇପିଏଲ୍ ପରେ ଭାରତ ଆଫଗାନିସ୍ତାନ ବିପକ୍ଷରେ ଗୋଟିଏ ଟେଷ୍ଟ୍ ଓ ତିନିଟି ଦିନିକିଆ ଖେଳିବ । ଏହା ପରେ ଭାରତ ଇଂଲଣ୍ଡ ଗସ୍ତ କରି ସେଠାରେ ୫ଟି ଟ୍ୱେଣ୍ଟି-୨୦ ଓ ୩ଟି ଦିନିକିଆ ଖେଳିବ । ଏହି ସମୟରେ ଆୟର୍ଲାଣ୍ଡ ବିପକ୍ଷରେ ବି ଏକ ସୀମିତ ଓଭର ଶୃଙ୍ଖଳା ଖେଳିପାରେ ଭାରତ । ତେବେ ତାହା ଟ୍ୱେଣ୍ଟି-୨୦ କି ଦିନିକିଆ ତାହା ଚୂଡ଼ାନ୍ତ ହୋଇନାହିଁ । ସେହିପରି ଶ୍ରୀଲଙ୍କା କ୍ରିକେଟ୍ ବୋର୍ଡ ମଧ ଭାରତ ସହ ଏକ ଦିନିକିଆ ଶୃଙ୍ଖଳା ଖେଳିବାକୁ ବିସିସିଆଇକୁ ଅନୁରୋଧ କରିଛି । ଅଗଷ୍ଟରେ ହେବାକୁ ଥିବା ଭାରତୀୟ ଦଳର ବାଂଲାଦେଶ ଗସ୍ତ ଅନିଶ୍ଚିତ ରହିଥିବାବେଳେ ଭାରତ ସେହି ସମୟରେ ଶ୍ରୀଲଙ୍କା ଗସ୍ତ କରି ଦୁଇଟି ଟେଷ୍ଟ ଖେଳିପାରେ । କିନ୍ତୁ ଏହି ଗସ୍ତରେ କେତୋଟି ଦିନିକିଆ ମ୍ୟାଚ୍ ଆୟୋଜନ ପାଇଁ ଶ୍ରୀଲଙ୍କା ବୋର୍ଡ ଅନୁରୋଧ କରିଛି । ଚଳିତ ବର୍ଷ ଶେଷଆଡ଼କୁ ଭାରତୀୟ ଦଳ ନ୍ୟୁଜିଲାଣ୍ଡ ଗସ୍ତ କରି ସେଠାରେ ଦୁଇଟି ଟେଷ୍ଟ, ତିନୋଟି ଦିନିକିଆ ଓ ପାଞ୍ଚଟି ଟ୍ୱେଣ୍ଟି-୨୦ ଖେଳିବ । କିନ୍ତୁ ଦିନିକିଆ ମ୍ୟାଚ୍ ସଂଖ୍ୟା ବଢାଇବାକୁ ନ୍ୟୁଜିଲାଣ୍ଡ ବୋର୍ଡ ଅନୁରୋଧ କରିଛି ।

# ୧୫ତମ ଥର ପାଇଁ ବିଶ୍ୱ କିର୍ତ୍ତିମାନ ଭାଙ୍ଗିଲେ ଡୁପ୍ଲାଣ୍ଟିସ୍

**ନୂଆଦିଲ୍ଲୀ, ୧୩।୩:** ସ୍ୱିଡିସ୍-ଆମେରିକୀୟ ଖେଳାଳି ତଥା ଅଲିମ୍ପିକ୍ସ ଓ ବିଶ୍ୱ ଚାମ୍ପିଅନ ଅର୍ମାଣ୍ଡ ମୋଣ୍ଡୋ ଡୁପ୍ଲାଣ୍ଟିସ୍ ପୋଲ୍-ଭୋଲ୍ଟରେ ନିଜର ଆଧିପତ୍ୟ ଜାରି ରଖି ୧୫ତମ ଥର ପାଇଁ ବିଶ୍ୱ କିର୍ତ୍ତିମାନ ଭଙ୍ଗ କରିଛନ୍ତି । ସ୍ୱିଡେନର ଉପସାଲାଠାରେ ଅନୁଷ୍ଠିତ ମୋଣ୍ଡୋ କ୍ଲାସିକ୍ ଇଣ୍ଡୋର୍ ମିଟିଙ୍ଗରେ ୬.୩୧ ମିଟର ଡେଇଁ ନିଜର ପୂର୍ବ କିର୍ତ୍ତିମାନ ଭଙ୍ଗ କରିଛନ୍ତି । ନିଜର ପୂର୍ବ ବିଶ୍ୱ କିର୍ତ୍ତିମାନଠାରୁ ମାତ୍ର ଏକ ସେଣ୍ଟିମିଟର ଅଧିକ ଲମ୍ଫ ପ୍ରଦାନ କରି ସେ ଏହି ସଫଳତା ହାସଲ କରିଛନ୍ତି । ସେ ନିଜର ୫.୬୫ ମିଟରରୁ ନିଜର ଲମ୍ଫ ଆରମ୍ଭ କରିଥିଲେ ଓ ପ୍ରତ୍ୟେକ ଉଦ୍ୟମରେ ସେଥିରେ ଉନ୍ନତି ଆଣି ୬.୩୧ ମିଟର ଡେଇଁଥିଲେ ଓ ଗତବର୍ଷ ଟୋକିଓରେ ଅନୁଷ୍ଠିତ ବିଶ୍ୱ ଦୌଡ଼କୁଦ ପ୍ରତିଯୋଗିତାରେ ସେ ନିଜର ପୂର୍ବ କିର୍ତ୍ତିମାନ ( ୬.୩୦ ମିଟର) ସ୍ଥାପନ କରିଥିଲେ । ୨୦୨୦ରେ ସେ ପ୍ରଥମ ଥର ପାଇଁ ବିଶ୍ୱ କିର୍ତ୍ତିମାନ ସ୍ଥାପନ କରିଥିଲେ ଓ ସେବେଠାରୁ ଏପର୍ଯ୍ୟନ୍ତ ସେ ୧୫ ଥର ବିଶ୍ୱ କିର୍ତ୍ତିମାନ ଭଙ୍ଗ କରିସାରିଲେଣି । ଏହି ପ୍ରତିଯୋଗିତା ପରେ ସେ କହିଛନ୍ତି ଯେ ନିଜର ଘରୋଇ ଦର୍ଶକଙ୍କ ଆଗରେ ପ୍ରଦର୍ଶନ କରୁଥିବାରୁ ତାଙ୍କ ଉପରେ ଟିକିଏ ଅଧିକ ଚାପ ଥିଲା, କିନ୍ତୁ ଏଠାରେ ପ୍ରଦର୍ଶନ କରିବା ତାଙ୍କ ପାଇଁ ସ୍ୱତନ୍ତ୍ର ଅନୁଭବ ।



# ପଞ୍ଜାବ କିଙ୍ଗ୍ସର ନୂଆ ଜର୍ସି ଉନ୍ମୋଚିତ



**ଚଣ୍ଡୀଗଡ଼, ୧୩।୩:** ଆଗାମୀ ଆଇପିଏଲ୍ ଲାଗି ପଞ୍ଜାବ କିଙ୍ଗ୍ସର ନୂଆ ଜର୍ସି ଉନ୍ମୋଚିତ ହୋଇଛି । ଏଥିରେ ଉଭୟ ନାଲି ଓ ନୀଳ ରଙ୍ଗ ରହିଛି । ଏହି ଦୁଇ ରଙ୍ଗ ଶକ୍ତି, ଗର୍ବ ଓ ଦଳର ନିର୍ଭୀକତା ବୁଝାଉଛି । ଜର୍ସିରେ ମଧରେ ପଞ୍ଜାବ କିଙ୍ଗ୍ସର ଚିହ୍ନ ସିଂହର ଆଙ୍କିତ ଚିତ୍ର ରହିଛି । ଜର୍ସିର ଏହି ନୂଆ ଡିଜାଇନ୍ ଦଳ ଓ ଖେଳାଳିଙ୍କ ଯାତ୍ରାକୁ ବାନ୍ଧି ରଖିଛି । ଜର୍ସିର ଏହି ଆଧୁନିକତା ନିଶ୍ଚିତ ପ୍ରଶଂସକ ଓ ଖେଳାଳିଙ୍କ ପ୍ରିୟ ହେବ ବୋଲି ଫ୍ରାଞ୍ଚାଇଜି ପକ୍ଷରୁ କୁହାଯାଇଛି । ମାର୍ଚ୍ଚ ୩୧ ତାରିଖରେ ନ୍ୟୁଚଣ୍ଡିଗଡ଼ରେ ଗୁଜରାଟ ଟାଇଟାନ୍ସ ବିପକ୍ଷ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍ସ ଖେଳାଳି ଏହି ଜର୍ସି ପିନ୍ଧି ଶୁଭାରମ୍ଭ କରିବେ ।

## ■ ଜାତୀୟ ୧୫ଏସ୍ ରଗ୍‌ବି

# ଓଡ଼ିଶା ରଗ୍‌ବି କ୍ଲବ୍ ଉପବିଜେତା



**ଭୁବନେଶ୍ୱର, ୧୩।୩:** ଜାତୀୟ ୧୫ଏସ୍ ରଗ୍‌ବି ଡିଭିଜନ୍-୧ ର ମହିଳା ବର୍ଗରେ ଓଡ଼ିଶା ରଗ୍‌ବି କ୍ଲବ୍ ଉପବିଜେତାରେ ସନ୍ତୁଷ୍ଟ ରହିଛି । ଫାଇନାଲ୍‌ରେ ଘରୋଇ ଦଳ ୧୦-୧୨ରେ ଫ୍ୟୁଚର ହୋପ୍ ହାର୍ଲେକ୍ୱିନ୍ସଠୁ ହାରିଯାଇଛି । ଓଡ଼ିଶା ଦଳ ଚମତ୍କାର ଖେଳିଥିଲେ ମଧ ମାତ୍ର ୨ ପଏଣ୍ଟ୍ ପଛରେ ପଡ଼ି ବିଜେତା ଟ୍ରଫି ହାତେଇବାରେ ବିଫଳ ହୋଇଥିଲା । ଓଡ଼ିଶାର ଆରତି ମୁର୍ମୁ ଓ ସୋନି ମନ୍ଦାଙ୍ଗୀ ୫ ପଏଣ୍ଟ୍ ଲେଖାଏଁ ସ୍କୋର୍ କରିଥିଲେ । ଫାଇନାଲ୍ ପୂର୍ବରୁ ଖେଳାଯାଇଥିବା ତୃତୀୟ ସ୍ଥାନ ମ୍ୟାଚ୍‌ରେ ସିସିଆଣ୍ଡଏଫ୍‌ସି ୧୦-୮ରେ ଦିଲ୍ଲୀ ହରିକେନ୍ସକୁ ହରାଇ କାଂସ୍ୟ ପଦକ ଜିତିଥିଲା । ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ୟେଦୁଲା ବିଜୟ, ରିଜିଓନାଲ ପ୍ଲାଣ୍ଟ୍ ରିସୋର୍ସ ସେଣ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ସୁଧାଂଶୁ ଶେଖର ଖୋରା, କ୍ରୀଡ଼ା ବିଭାଗ ଅତିରିକ୍ତ ସଚିବ ବିଜୟ କୁମାର ସାଇଁ, ଓଏସ୍‌ଡି ସୋନାଲି ଚାନ୍ଦ, ଅଶିଷ କୁମାର ରାଉତ, ଶାଶ୍ୱତ କୁମାର ରାଉତ, ଓଡ଼ିଶା ରଗ୍‌ବି ଫୁଟ୍‌ବଲ୍ ସଂଘ ଉପସଭାପତି ଉପେନ୍ଦ୍ର ମହାନ୍ତି ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ ।

# ଟାର୍ଗେଟ୍ ଅଲିମ୍ପିକ୍ସ ପୋଡିୟମ୍ ସ୍କିମ୍ ଯୋଜନାର ପୁନର୍ଗଠନ

**ନୂଆଦିଲ୍ଲୀ, ୧୩।୩:** ଅଲିମ୍ପିକ୍ସ ପୋଡିୟମ୍‌ରେ ଅଧିକରୁ ଅଧିକ ଭାରତୀୟ ଖେଳାଳିଙ୍କୁ ଛିଡ଼ା କରାଇବାର ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ ନେଇ ଭାରତ ସରକାର ଆରମ୍ଭ କରିଥିବା ଟାର୍ଗେଟ୍ ଅଲିମ୍ପିକ୍ସ ପୋଡିୟମ୍ ସ୍କିମ୍ (ଟପ୍ସ) ଯୋଜନାର ପୁନର୍ଗଠନ ହୋଇଛି । ନିୟମିତ ଭାବେ ଭଲ ପ୍ରଦର୍ଶନ କରି ଆସୁଥିବା ବହୁ ଉଦୀୟମାନ ଓ ପ୍ରତିଭାବାନ ଖେଳାଳିଙ୍କୁ ଏଥିରେ ସାମିଲ କରାଯାଇଥିଲା ବେଳେ ଖରାପ ପ୍ରଦର୍ଶନ କରି ଆସୁଥିବା ଅନେକ ଖେଳାଳିଙ୍କୁ ଏଥିରୁ ବାଦ୍ ଦିଆଯାଇଛି ।

ନୂଆ ତାଲିକାରେ ସାମିଲ ହୋଇଥିବା ଖେଳାଳିଙ୍କ ମଧରେ ରହିଛନ୍ତି ପିସ୍ତଲ ସୁଟର୍ ସମ୍ରାଟ ରାଣା, ସୁରୁଚି ସିଂହ, ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜୟୀ ଲମ୍ବଦୂର ଧାବକ ଗୁଲବୀର ସିଂହ ଏବଂ ବିଶ୍ୱ ଚାମ୍ପିଅନ୍ ପାରା ବ୍ୟାଡ୍‌ମିଣ୍ଟନ୍ ତାରକା ତଥା ଓଡ଼ିଶା ପୁଅ ପ୍ରମୋଦ ଭଗତ ପ୍ରମୁଖ । ଖେଳାଳିଙ୍କ ପ୍ରଦର୍ଶନର ସମୀକ୍ଷା ପରେ ମୋଟ ୮ଜଣ ଖେଳାଳିଙ୍କୁ ଏଥିରେ ସାମିଲ କରାଯାଇଛି । ତାଲିକାରୁ ବାଦ୍ ପଡ଼ିଥିବା ଖେଳାଳିଙ୍କ ମଧରେ ରହିଛନ୍ତି ବ୍ୟାଡ୍‌ମିଣ୍ଟନ୍ ତାରକା ଏଚ୍‌ଏସ୍ ପ୍ରଣୟ, ପୂର୍ବତନ ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣ

## • ୮ ଖେଳାଳି ସାମିଲ

## • ସ୍ଥାନ ପାଇଲେ ପ୍ରମୋଦ ଭଗତ

ବିଜେତା ରାଇଫଲ୍ ସୁଟର୍ ଦିବ୍ୟାଂଶ ପନୱାର ଏବଂ କୁସ୍ତି ଯୋଦ୍ଧା ଦୀପକ ପୁନିଆ ପ୍ରମୁଖ । ଟପ୍ସ ଯୋଜନାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏନ୍‌ଏସ୍ ଜୋହଲଙ୍କ ଅଧକ୍ଷତାରେ ମିସନ୍ ଅଲିମ୍ପିକ୍ସ ସେଲ୍‌ର ୧୬୯ତମ ସୀମକ୍ଷା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି ।

ସମ୍ରାଟ ଗତବର୍ଷ ୧୦ ମିଟର ଏୟାର ପିସ୍ତଲରେ ବିଶ୍ୱ ଚାମ୍ପିଅନ୍ ହୋଇଥିଲେ ।




ସୁରୁଚି ଲଗାତାର ଚାରିଟି ବିଶ୍ୱକପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ । ଅନ୍ୟପକ୍ଷରେ ପ୍ରମୋଦ ଚଳିତବର୍ଷ ପ୍ରାରମ୍ଭରେ ନିଜ ଷଷ୍ଠ ବିଶ୍ୱ ଚାମ୍ପିଅନ୍‌ସିପ୍ ଟ୍ରଫି ଜିତିଥିଲେ । ୩୭ବର୍ଷୀୟ ପ୍ରମୋଦ ଜଣେ ପୂର୍ବତନ ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ହୋଇଥିଲା ବେଳେ ଡୋପିଂ ନିରୋଧୀ ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ତିନି ବର୍ଷ ବାସନ୍ଦ ହେବା ପରେ ଗତବର୍ଷ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ପାରା ବ୍ୟାଡ୍‌ମିଣ୍ଟନ୍ କୋର୍ଟକୁ ଫେରିଥିଲେ ।

ଏହି ଯୋଜନାରେ ସାମିଲ ହୋଇଥିବା ଅନ୍ୟ ଖେଳାଳିମାନଙ୍କ ମଧରେ ରହିଛନ୍ତି ଏସୀୟ ରୌପ୍ୟ ପଦକ ବିଜେତା ରାଇଫଲ୍ ସୁଟର୍ ନୀରଜ କୁମାର ଆଦି, ମିଶ୍ରିତ ଯୁଗଳ ବ୍ୟାଡ୍‌ମିଣ୍ଟନ୍ ଯୋଡ଼ି ତନୀଷା କ୍ରାଷ୍ଟୋ, ଧ୍ରୁବ କପିଳା, ବକ୍ସର ଜସ୍ମିନ ଲାମ୍ବୋରିଆ । ମୋଟ ଉପରେ ଏହି ଯୋଜନାରେ ଏବେ ୫୬ଜଣ ଖେଳାଳି ସ୍ଥାନ ପାଇଛନ୍ତି । ସେହିଭଳି ବକ୍ସିଂ ବିକାଶ ଯୋଜନାରେ ୧୪ଜଣ ମହିଳାଙ୍କ ସହ ୨୨ଜଣଙ୍କୁ ନିଆଯାଇଛି । ସେହିଭଳି ସୁଟିଂ ବିକାଶ ଯୋଜନାରେ ଥିବା ଖେଳାଳିଙ୍କ ସଂଖ୍ୟା ୧୩୦କୁ ବଢ଼ିଛି । ଟପ୍ସ ଯୋଜନାରେ ଖେଳାଳିମାନେ ମାସିକ ୫୦,୦୦୦ ଟଙ୍କାର ଭତ୍ତା ସହ ବିଦେଶରେ ପ୍ରଶିକ୍ଷଣ ଓ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଦୈନିକ ୨୫ ଡଲାରର ଅତିରିକ୍ତ ଭତ୍ତା ପାଇଥା'ନ୍ତି । ସେହିଭଳି ବିକାଶ ଯୋଜନାରେ ସାମିଲ ଥିବା ଖେଳାଳିମାନେ ମାସିକ ୨୫,୦୦୦ ଟଙ୍କାର ଭତ୍ତା ସହ ପ୍ରଶିକ୍ଷଣ ଓ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଦୈନିକ ୨୫ ଡଲାରର ଅତିରିକ୍ତ ଭତ୍ତା ବି ପାଇଥା'ନ୍ତି ।

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar